# ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬

## ଓଡିଶା ସରକାର, ରାଜସ୍ୱ ବିଭାଗ

## N0-18040/R / R&REH-1/06, ତାରିଖ ୧୪ ମେ, ୨୦୦୬

## ପ୍ରସ୍ତାବ

## ପ୍ରସଙ୍ଗ- ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬

ଏକ ସହଭାଗୀ ଏବଂ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଅପ୍ରତିହତ ବିକାଶର ଧାରାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ନେଇ ସରକାର ଏକ ସାମଗ୍ରୀକ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ପ୍ରଣୟନ କରିଛନ୍ତି । ଏହି ନୀତିର ମୌଳିକ ଉଦ୍ଦେଶ୍ୟଗୁଡିକ ହେଲା –

୧- ଯେପରି ବିସ୍ଥାପନ ମୋଟେ ନହୁଏ, ସେଥିଲାଗି ଯଥାସମ୍ଭବ ଚେଷ୍ଟା କରିବା, ଏବଂ ଯେଉଁଠି ଏହା ଅନିବାର୍ଯ୍ୟ, ସେ କ୍ଷେତ୍ରରେ ଭିନ୍ନସବୁ ବିକଳ୍ପ ଉପାୟ ଅବଲମ୍ବନ କରି ବିସ୍ଥାପନକୁ ଯଥାସମ୍ଭବ କମ୍ କରାଇବା ।

୨- ଦେଶଜ ଜନଗୋଷ୍ଠୀ ଏବଂ ଦୁର୍ବଳ ସଂପ୍ରଦାୟମାନଙ୍କର ଆବଶ୍ୟକତାଗୁଡିକୁ ପ୍ରାଧାନ୍ୟ ଦେବା ସହିତ ବିସ୍ଥାପିତ ଜନସାଧାରଣଙ୍କ ଆଶାଆକାଂକ୍ଷାଗୁଡିକୁ ବିଚାରକୁ ନେବା ।

୩- ଏକ ସହଭାଗୀ ଓ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ପରିବେଶକୁ ଅବିଚ୍ଛିନ୍ନ ଭାବେ ସୁରକ୍ଷିତ ରଖିବା ।

୪- କାର୍ଯ୍ୟାନ୍ୱୟନ, ତଦାରଖ, ବିବାଦ ମୀମାଂସା ଏବଂ ଅଭିଯୋଗ ପ୍ରତିକାର ପାଇଁ ଆବଶ୍ୟକ ପଡୁଥିବା ସାଂଗଠନିକ ବ୍ୟବସ୍ଥାଗୁଡିକର ସଂରଚନା-ପ୍ରକ୍ରିୟାକୁ ମାର୍ଗ-ଦର୍ଶନରେ ସହାୟତା କରିବା ।

ଉପରୋକ୍ତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ସରକାର ନିମ୍ନୋକ୍ତ ନୀତି-ନିର୍ଦ୍ଦେଶିକା ପ୍ରଣୟନ କରିଛନ୍ତି ।

ପ୍ରାକ୍‌କଥନ

ଜୀବନର ମାନଦଣ୍ଡକୁ ବଢେଇବା ପାଇଁ ସରକାର ବହୁବିଧ ଉନ୍ନୟନମୂଳକ ଉଦ୍ୟମ ଜାରି ରଖିଛନ୍ତି । ଯେହେତୁ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବା ଉନ୍ନୟନର ଏକ ପ୍ରମୁଖ ସ୍ତମ୍ଭ, ତେଣୁ ଉନ୍ନୟନ ପ୍ରକ୍ରିୟାରେ ଜନସାଧାରଣଙ୍କ ସହଭାଗିତାକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ସ୍ୱୟଂ-ପ୍ରଣୋଦିତ ପ୍ରୟାସ ସର୍ବଦା ଜାରି ରହିଛି । ଉନ୍ନୟନ ଜନସାଧାରଣଙ୍କ ନିକଟରେ ପହଞ୍ଚୁ ବୋଲି ସରକାର ଚାହିଁବା ସତ୍ତ୍ୱେ ବେଳେବେଳେ ଉନ୍ନୟନ ପ୍ରୟାସଗୁଡିକରୁ ଅବାଂଛିତ ପରିଣତିମାନ ସୃଷ୍ଟି ହୋଇଥାଏ । ବୃହତ୍ ଉନ୍ନୟନ ପ୍ରକଳ୍ପ ଯୋଗୁଁ ଘଟୁଥିବା ବିସ୍ଥାପନ ଏହାର ଏକ ସୁଦୃଶ୍ୟ ଉଦାହରଣ । ବିଭିନ୍ନ ପ୍ରକଳ୍ପ-ଭିତ୍ତିକ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ଓ ଯୋଜନାମାନ ଜରିଆରେ ଓଡିଶା ସରକାର ଏପର୍ଯ୍ୟନ୍ତ ଏହି ସମସ୍ୟାକୁ ମୁକାବିଲା କରି ଆସୁଥିଲେ । ଅତୀତରେ ଅନୁସୃତ ଏହି ନୀତିଗୁଡିକ ଠାରୁ ବର୍ତ୍ତମାନର ନୀତକୁ ପ୍ରଣୟନ କରିବାର ପ୍ରୟାସ ଶିକ୍ଷା ଗ୍ରହଣ କରିଛି, ଏବଂ ଏତଦ୍ୱାରା ଶିଖିବା ଓ ଅତୀତର ସମୀକ୍ଷା କରିବାପାଇଁ ସରକାରଙ୍କର ଥିବା ଆନ୍ତରିକ ମନୋଭାବ ହିଁ ପ୍ରତିଫଳିତ ହେଉଛି । ବର୍ତ୍ତମାନର ନୀତି ଯେଉଁ ସବୁ ଅନୁଭୂତିରୁ ନିଜର ଖୋରାକ୍ ସଂଗ୍ରହ କରିଛି, ସେଗୁଡିକ ହେଲା, ଅତୀତ ନୀତିଦ୍ଗୁଡିକର କାର୍ଯ୍ୟାନ୍ୱୟନ, ଅନ୍ୟ ରାଜ୍ୟମାନଙ୍କରେ ଅନୁସୃତ ସର୍ବୋତ୍ତମ ଆଚରଣ ଏବଂ ଓଡିଶା ସରକାରଙ୍କ ଶିଳ୍ପ ନୀତି ପ୍ରସ୍ତାବ-୨୦୦୧ । ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଅନୁସୃତ ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ଅଂଶବିଶେଷ ରୂପେ ରାଜ୍ୟର ନାଗରିକ ସମାଜ ସମେତ ବିଭିନ୍ନ ଭାଗିଦାରୀ ଗୋଷ୍ଠୀଙ୍କ ସହ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପରାମର୍ଶ କରାଯାଇଛି ଏବଂ ପୁନର୍ବାସ ଓ ପୁନଃସଂସ୍ଥାନ କ୍ଷେତ୍ରରେ ସକ୍ରିୟ ଥିବା ଅନେକ ଶିକ୍ଷାବିତ୍ ଏବଂ ବିଶେଷଜ୍ଞମାନଙ୍କର ମତାମତକୁ ବିଚାରକୁ ନିଆଯାଇଛି । ଅତୀତ ନୀତଗୁଡିକର ସୀମାବଦ୍ଧତାକୁ ଚିହ୍ନଟ କରାଯାଇ ବିଶ୍ଳେଷଣ କରାଯାଇଛି, ଏବଂ ଏକ ନମନୀୟ ଢାଞ୍ଚାର ଅବତାରଣା ପାଇଁ ଚେଷ୍ଟା କରାଯାଇଛି- ଯାହାକି ସରକାରଙ୍କ ଗତିଶୀଳ ମାନସିକତାକୁ ହିଁ ସୂଚାଏ । ଅନ୍ୟ ବହୁ ନୀତିଗୁଡିକ ତୁଳନାରେ ଏହାର ଏକ ସ୍ୱତନ୍ତ୍ରତା ରହିଛି- ତାହାହେଲା, ଏହାକୁ କେଉଁ ପଦ୍ଧତିମାନ ଜରିଆରେ ବାସ୍ତବ ରୂପ ଦେଇହେବ, ତହିଁର ଅବତାରଣା କରିବା ଏବଂ ଏହି କାରଣରୁ ହିଁ ଏହି ନୀତିଟି ରାଜ୍ୟରେ ସୁସ୍ଥାୟୀ ବିକାଶକୁ ଆଗେଇ ନେବା କ୍ଷେତ୍ରରେ ଏକ ବଳିଷ୍ଠ ଆୟୁଧ ହୋଇପାରିବ ।

**୧. ସଂକ୍ଷିପ୍ତ ଶିରୋନାମା, ପ୍ରଯୁଜ୍ୟତା ଏବଂ ପ୍ରାରମ୍ଭ-**

(୧)ଏହି ନୀତିକୁ ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ୨୦୦୬ ବୋଲି କୁହାଯାଇପାରେ, ଏବଂ ଏହା ଓଡିଶା ଗେଜେଟ୍‌ରେ ପ୍ରକାଶ ପାଇବା ଦିନଠାରୁ ବଳବତ୍ତର ହେବ ।

(୨)ଏହା ସେହିସବୁ ପ୍ରକଳ୍ପମାନ କ୍ଷେତ୍ରରେ ପ୍ରଯୁଜ୍ୟ ହେବ, ଯେଉଁଗୁଡିକ ପାଇଁ ଜମି ଅଧିଗ୍ରହଣ ଆଇନ୍ ୧୮୯୪ ବା ସଂପ୍ରତି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ବଳରେ ଘରୋଇ ଜମି ଅଧିଗ୍ରହଣ କରାଯାଇଥାଏ, ବା ସରକାରୀ ଜମି ଅଧିଗୃହୀତ ହେବାକୁ ଥିଲେ ଆପତ୍ତି ଆହ୍ୱାନ୍ କରିବା ପାଇଁ ଘୋଷଣା ବିଜ୍ଞପ୍ତି କରାଯାଇଥାଏ ।

(୩)ଏହି ନୀତିରେ ଥିବା ବ୍ୟବସ୍ଥାମାନ ବଳରେ ମୂଳଚାଲ ଜରିଆରେ ଯେଉଁସବୁ ପ୍ରକଳ୍ପଗୁଡିକ ପାଇଁ ଜମି ଅଧିଗ୍ରହଣ କରାଯିବ, ସେସବୁ ପାଇଁ ମଧ୍ୟ ଏହି ନୀତି ପ୍ରଯୁଜ୍ୟ ରହିବ ।

**୨. ସଂଜ୍ଞାମାନ :** ପରିପ୍ରେକ୍ଷି ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ,

(ଏ) **'କୃଷି ଜମି'** ବୋଇଲେ ସେହି ଜମି, ଯାହାକୁ ଶସ୍ୟ ଉତ୍ପାଦନ, ଘାସ ଚାଷ, ବଗିଚା, ଫଳଚାଷ, ଗୋପାଳନ, ମାଛଚାଷ ଏବଂ ପଶୁ ପ୍ରଜନନ ବା ପାଳନ ପାଇଁ ବ୍ୟବହାର କରାଯାଇପାରେ, କିମ୍ବା ଚାରଣ ଭୂଇଁ ଭାବେ ବ୍ୟବହାର କରାଯାଇପାରେ ଅଥବା କୃଷିର ସହାୟକ ହେଉଥିବା ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରେ ।

(ବି) **'କ୍ଷତିପୂରଣ'**(Compensation)ର ଅର୍ଥ ସେଇଆ, ଯାହାକି ଜମି ଅଧିଗ୍ରହଣ ଆଇନ୍ ୧୮୯୪ରେ ନ୍ୟସ୍ତ କରାଯାଇଛି ।

(ସି) କ୍ଷତିପୂରଣ ଉଦ୍ଦେଶ୍ୟରେ **'ଧାର୍ଯ୍ୟ ତାରିଖ'**(Cut-off date)ର ଅର୍ଥ ହେଲା, ସଂଶ୍ଳିଷ୍ଟ ଏକ ଆଇନ୍ ବା ଏହି ନୀତିର ବ୍ୟବସ୍ଥାମାନ ବଳରେ ଜମି ଅଧିଗ୍ରହଣର ଉଦ୍ଦେଶ୍ୟ ବୟାନ କରି ଯେଉଁ ତାରିଖରେ ବିଜ୍ଞପ୍ତି ଘୋଷିତ ହୋଇଥାଏ ।

***ଦ୍ରଷ୍ଟବ୍ୟ:*** *ପୁନର୍ବାସ ଓ ପୁନଃସଂସ୍ଥାନର ସୁବିଧାମାନ ପାଇବାକୁ ଯେଉଁମାନେ ହକ୍‌ଦାର, ସେମାନଙ୍କର ନାମ ଘୋଷଣା ପ୍ରୟୋଜନ ଦୃଷ୍ଟିରୁ, ଯେଉଁ ବର୍ଷ ବାସ୍ତବ ଅର୍ଥରେ ବିସ୍ଥାପନକୁ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ଥିବ, ସେହିବର୍ଷର ପହିଲା ଜାନୁଆରୀରେ 'ବିସ୍ଥାପିତ ପରିବାରମାନଙ୍କର' ଏକ ସଦ୍ୟାକୃତ ତାଲିକା ପ୍ରକାଶ ପାଇବ, ପରନ୍ତୁ ଯେଉଁ ପରିବାରମାନେ 'ଧାର୍ଯ୍ୟ ତାରିଖ'ର ନିର୍ଦ୍ଧାରଣ ପରେ ପ୍ରକଳ୍ପ ଅଞ୍ଚଳରେ ପ୍ରବେଶ କରିଥିବେ, ସେମାନେ କୌଣସି ସୁବିଧା ପାଇବାକୁ ହକ୍‌ଦାର ହେବେ ନାହିଁ ।*

(ଡି) **'ବିସ୍ଥାପିତ ପରିବାର'** ବୋଇଲେ ସେହି ପରିବାର, ଯେ କି ସଂଶ୍ଳିଷ୍ଟ ଆଇନ୍‌ର ବ୍ୟବସ୍ଥାମାନ ଅନୁଯାୟୀ ବିଜ୍ଞପ୍ତି ଘୋଷଣାର ତାରିଖ ପୂର୍ବରୁ ପ୍ରକଳ୍ପ ଅଞ୍ଚଳରେ ସାଧାରଣତଃ ବସବାସ କରି ଆସୁଥିବେ, ଏବଂ ଯାହାଙ୍କର ଘରଡିହ ଜମି ଅଧିଗୃହୀତ ହେବା କାରଣରୁ ସେ ସେହି ଅଞ୍ଚଳରୁ ବିସ୍ଥାପିତ ହେଉଥିବେ ବା ବିସ୍ଥାପିତ ହେବା ଆବଶ୍ୟକ ପଡୁଥିବ ।

(ଇ) **'ଜିଲ୍ଲା କ୍ଷତିପୂରଣ ପରାମର୍ଶଦାତା କମିଟି'** (District Compensation Advisory Committee) ବୋଇଲେ ଏହି ନୀତିର ସଂଶ୍ଳିଷ୍ଟ ବ୍ୟବସ୍ଥାମାନ ଅନୁଯାୟୀ ସରକାରଙ୍କ ଦ୍ୱାରା ଗଠିତ କମିଟି ।

(ଏଫ୍) **'ପରିବାର'** ବୋଇଲେ ଜଣେ ବ୍ୟକ୍ତି ଏବଂ ତାଙ୍କର ସ୍ୱାମୀ/ସ୍ତ୍ରୀ, ନାବାଳକ ପୁଅମାନେ, ଅବିବାହିତ ଝିଅମାନେ, ନାବାଳକ ଭାଇମାନେ ବା ଅବିବାହିତ ଭଉଣୀମାନେ, ବାପା, ମାଆ ଏବଂ ତାଙ୍କ ସହ ରହୁଥିବା ଅଥବା ବଞ୍ଚିବା ପାଇଁ ନିର୍ଭର କରୁଥିବା ଅନ୍ୟ ସଦସ୍ୟମାନେ ।

ଏହି ନୀତି ଅଧୀନରେ ଥଇଥାନ ସୁବିଧା ଯୋଗାଇଦେବା ଦୃଷ୍ଟିରୁ ନିମ୍ନୋକ୍ତ ଶ୍ରେଣୀଗୁଡିକ ମଧ୍ୟରୁ ପ୍ରତ୍ୟେକଙ୍କୁ ଏକ ଅଲଗା ପରିବାର ବୋଲି ଗଣ୍ୟ କରାଯିବ –

(୧) ବିବାହିତ ହୋଇଥାଉ କି ନହୋଇଥାଉ, ଜଣେ ସାବାଳକ ପୁଅ ।

(୨) ୩୦ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ଝିଅ/ଭଉଣୀ ।

(୩) ଲିଙ୍ଗ ବା ବୟସ ନିର୍ବିଶେଷରେ ଜଣେ ଶାରିରୀକ ଓ ମାନସିକ ଅକ୍ଷମ ବ୍ୟକ୍ତି, ଯାହାଙ୍କର ଅକ୍ଷମତା ସମ୍ବନ୍ଧରେ ପ୍ରାଧିକୃତ ମେଡିକାଲ୍ ବୋର୍ଡ ବିଧିମତେ ପ୍ରମାଣପତ୍ର ଦେଇଥିବେ ।

***ଦ୍ରଷ୍ଟବ୍ୟ-*** *ସୂଚିତ ଉଦ୍ଦେଶ୍ୟରେ କେବଳ ସେହି ଅନ୍ଧ, କାଲ, ଅସ୍ଥି-ପଙ୍ଗୁ ବା ମାନସିକ-ଅକ୍ଷମ ବ୍ୟକ୍ତିଙ୍କୁ ଏକ ଅଲଗା ପରିବାର ବୋଲି ଗଣ୍ୟ କରାଯିବ, ଯେକି ଶତକଡା ୪୦ ଭାଗରୁ ଅଧିକ ସ୍ଥାୟୀ –ବିକଳାଙ୍ଗତାରେ ପୀଡିତ ଥିବେ ।*

(୪) ନାବାଳକ ଅନାଥ ପିଲା, ଯେ କି ଉଭୟ ବାପା ଓ ମାଆକୁ ହରାଇଛି ।

(୫) ଜଣେ ବିଧବା ବା ଛାଡପତ୍ର ପାଇଥିବା ମହିଳା ।

(ଜି) **'ସରକାର'** ବୋଇଲେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ।

(ଏଚ୍) **'ଜମି ଅଧିଗ୍ରହଣ ଅଧିକାରୀ'** ବୋଇଲେ ଜମି ଅଧିଗ୍ରହଣ ଆଇନ୍ ୧୮୯୪ ଅଧୀନରେ ପ୍ରକଳ୍ପ ସକାଶେ ସଂଶ୍ଳିଷ୍ଟ ଦାୟିତ୍ୱମାନ ସମ୍ପାଦନ କରିବାର ଆଦେଶ ସହ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଜଣେ ଅଧିକାରୀ, ଏବଂ ଏହି ଶବ୍ଦର ପରିସର ଭିତରେ ଜଣେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ ହେବ ।

(ଆଇ) **'ବେସରକାରୀ ସଂଗଠନ'** ବୋଇଲେ ସେହି ସଂଗଠନ, ଯାହାକି ସୋସାଇଟି ପଞ୍ଜିକରଣ ଆଇନ୍ ୧୮୬୦ ଅଧୀନରେ ବିଧିବଦ୍ଧଭାବେ ପଞ୍ଜିକୃତ ଏବଂ ସରକାରର ବାହାରେ ରହି ସର୍ବସାଧାରଣ ସ୍ୱାର୍ଥ ପାଇଁ କାର୍ଯ୍ୟରତ ।

(ଜେ) **'ମୂଳ ପରିବାର'** ବୋଇଲେ ସେହି ପରିବାର, ଯେକି ସଂଶ୍ଳିଷ୍ଟ ଆଇନ୍ ବା ଆଇନ୍‌ଗୁଡିକ ଅଧୀନରେ ବିଜ୍ଞପ୍ତି ଜାରି ହେବା ସମୟରେ ଗୋଟିଏ ଏକାନ୍ନ ପରିବାର ଭିତରେ ଏକାଠି ବାସ କରୁଥିବେ ।

(କେ) **'ପରିପାର୍ଶ୍ୱ'** ବୋଇଲେ ଏକ ବା ଏକାଧିକ ଜିଲ୍ଲା, ଯାହା ଭିତରେ ପ୍ରକଳ୍ପଟି ଭୌଗଳିକ ଭାବେ ଅବସ୍ଥିତ ।

(ଏଲ୍) **'ପ୍ରକଳ୍ପ'** ବୋଇଲେ ଜଳକୁଣ୍ଡ, ନଦୀବନ୍ଧ, କେନାଲ୍, ରାଜପଥ, ଶିଳ୍ପସଂସ୍ଥା, କାରଖାନା, ଖଣିଶିଳ୍ପ, ଜାତୀୟ ପାର୍କ ଓ ଅଭୟାରଣ୍ୟ ଇତ୍ୟାଦି କୌଣସି କାର୍ଯ୍ୟର ନିର୍ମାଣ, ସଂପ୍ରସାରଣ ବା ଉନ୍ନତୀକରଣ, ଯାହାକି ସରକାରଙ୍କ ଦ୍ୱାରା ସମୟାନ୍ତରରେ ବିଜ୍ଞାପିତ ହୋଇଥାଏ, ଏବଂ ଏହା ଭିତରେ ଅନ୍ତର୍ଭୁକ୍ତ ହେବ ରାଜ୍ୟଭିତରେ ଏହି ପ୍ରକଳ୍ପର ଅଫିସ୍ ଓ ଅନ୍ୟାନ୍ୟ ସଂସ୍ଥାମାନ ।

(ଏମ୍) ପୁନର୍ବାସ ଓ ପୁନଃସଂସ୍ଥାନ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ **'ପ୍ରକଳ୍ପ ଅଞ୍ଚଳ'** ବୋଇଲେ ସେହିସବୁ ଜମି, ଯାହାକି ଏକ ପ୍ରକଳ୍ପର ସ୍ଥାପନା ପାଇଁ ଅଧିଗୃହୀତ, ହସ୍ତାନ୍ତରିତ ଏବଂ କ୍ରୟିତ ହୋଇଥାଏ ।

(ଏନ୍) **'ପୁନର୍ବାସ ଓ ପୁନଃସଂସ୍ଥାନ ପ୍ରକଳ୍ପ ନିର୍ଦ୍ଦେଶକ'** [Project Director Resettlement & Rehabilitation- PD DR] ବୋଇଲେ ସେହି ଅଫିସର୍ ଯେ କି ପ୍ରକଳ୍ପ ପାଇଁ ରାଜ୍ୟ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ଅଧୀନରେ ସମୁଚିତ ଦାୟିତ୍ୱମାନ ସମ୍ପାଦନ କରିବାର ଆଦେଶ ସହ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି ।

(ଓ ) **'ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି'**(Rehabilitation and Periphery Development Advisory Committee- RPDAC) ବୋଇଲେ ସେହି କମିଟିକୁ ବୁଝାଯିବ, ଯାହାକି ଏହି ନୀତିର ସଂଶ୍ଳିଷ୍ଟ ବ୍ୟବସ୍ଥା ଅଧୀନରେ ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ସଂକ୍ରାନ୍ତ ବ୍ୟାପାରଗୁଡିକୁ ବୁଝିବା ପାଇଁ ସରକାରଙ୍କ ଦ୍ୱାରା ଗଠିତ ହେବ ।

(ପି) **'ରାଜ୍ୟସ୍ତରୀୟ କ୍ଷତିପୂରଣ ପରାମର୍ଶଦାତା କମିଟି'** (State Level Compensation Advisory Committee) ବୋଇଲେ ଏହି ନୀତିର

ସଂଶ୍ଳିଷ୍ଟ ବ୍ୟବସ୍ଥାମାନ ଅଧୀନରେ ସରକାରଙ୍କ ଦ୍ୱାରା ଗଠିତ କମିଟି ।

(କ୍ୟୁ) **'ରାଜ୍ୟ ସ୍ତରୀୟ ପୁନର୍ବାସ ଓ ପୁନଃସଂସ୍ଥାନ ପରିଷଦ'** (State Level Council on Resettlement and Rehabilitation- SLCRR) ବୋଇଲେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ସେହି ପରିଷଦ, ଯାହାକି ଏତଦ୍ ଉଦ୍ଦେଶ୍ୟରେ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ଗଠିତ ହେବ ।

**୩. ନୀତିର ଉଦ୍ଦେଶ୍ୟସମୂହ:**

ସାଧାରଣତଃ ସରକାରଙ୍କ ଏହି ନୀତିର ଉଦ୍ଦେଶ୍ୟଗୁଡିକ ହେବ:

ଏ. ଯେପରି ବିସ୍ଥାପନ ମୋଟେ ନହୁଏ, ସେଥିଲାଗି ଯଥାସମ୍ଭବ ଚେଷ୍ଟା କରିବା, ଏବଂ ଯେଉଁଠି ଏହା ଅନିବାର୍ଯ୍ୟ, ସେ କ୍ଷେତ୍ରରେ ଭିନ୍ନସବୁ ବିକଳ୍ପ ଉପାୟ ଅବଲମ୍ବନ କରି ବିସ୍ଥାପନକୁ ଯଥାସମ୍ଭବ କମ୍ କରାଇବା ।

ବି. ପୁନର୍ବାସ ଓ ପୁନଃସଂସ୍ଥାନ ପ୍ରକ୍ରିୟାକୁ ସହାୟତା କରିବା-

(୧) ଦେଶଜ ଜନଗୋଷ୍ଠୀ ଏବଂ ଦୁର୍ବଳ ସଂପ୍ରଦାୟମାନଙ୍କର ଆବଶ୍ୟକତାଗୁଡ଼ିକୁ ପ୍ରାଧାନ୍ୟ ଦେବା ସହିତ ବିସ୍ଥାପିତ ଜନସାଧାରଣଙ୍କ ଆଶାଆକାଂକ୍ଷା ଗୁଡ଼ିକୁ ମାନ୍ୟତା ଦେଇ; ଏବଂ

(୨) ଏକ ସହଭାଗୀ ଓ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ପରିବେଶର ନିରବଚ୍ଛିନ୍ନ ସୁରକ୍ଷାକୁ ସୁନିଶ୍ଚିତ କରି ।

ସି. କାର୍ଯ୍ୟାନ୍ୱୟନ, ତଦାରଖ, ବିବାଦ ମୀମାଂସା ଏବଂ ଅଭିଯୋଗ ପ୍ରତିକାର ପାଇଁ ଆବଶ୍ୟକ ପଡୁଥିବା ସାଂଗଠନିକ ବ୍ୟବସ୍ଥାଗୁଡ଼ିକର ସଂରଚନା -ପ୍ରକ୍ରିୟାକୁ ମାର୍ଗ-ଦର୍ଶନରେ ସହାୟତା କରିବା ।

**୪. ବିସ୍ଥାପିତ ପରିବାରସମୂହର ସର୍ବେକ୍ଷଣ ଓ ଚିହ୍ନଟ :**

(ଏ) ଏକ ଉନ୍ନୟନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସକାଶେ ବିଜ୍ଞପ୍ତି ଜାରି ହେବାର ସାଧାରଣତଃ ଦୁଇମାସ ମଧ୍ୟରେ ବିସ୍ଥାପିତ ପରିବାରମାନଙ୍କୁ ଚିହ୍ନଟ ଏବଂ ସେମାନଙ୍କର ସାଂପ୍ରତିକ ସାମାଜିକ-ଆର୍ଥିକ ସ୍ଥିତି ନିରୂପଣ ପାଇଁ ଏକ ସାମାଜିକ-ଆର୍ଥିକ ସର୍ବେକ୍ଷଣ ସେହି ଢଙ୍ଗରେ ସମ୍ପାଦିତ ହେବ, ଯାହାକି ସରକାର ସ୍ଥିର କରିଥିବେ ।

(ବି) ବିସ୍ଥାପିତ ପରିବାରମାନଙ୍କ ତାଲିକା ସଂପୃକ୍ତ 'ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି' ସମ୍ମୁଖରେ ଉପସ୍ଥାପିତ ହେବ ଏବଂ ତାଙ୍କ ଦ୍ୱାରା ଅନୁମୋଦିତ ହେବ ।

(ସି) ଏତାଦୃଶ ଭାବେ ଅନୁମୋଦିତ ହୋଇଥିବା ବିସ୍ଥାପିତ ପରିବାରମାନଙ୍କ ତାଲିକାକୁ ବ୍ୟାପକ ପ୍ରସାରଣ ପାଇଁ , ତାହା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ବ୍ଲକ୍ / ତହସିଲ୍ /ପଞ୍ଚାୟତ ଏବଂ ଅନ୍ୟାନ୍ୟ ସୁଦୃଶ୍ୟ ସ୍ଥାନମାନଙ୍କରେ ପ୍ରଦର୍ଶିତ ହେବ ।

(ଡି) ସଂଶ୍ଳିଷ୍ଟ ଆଇନ୍ ବା ଆଇନଗୁଡ଼ିକ ଅଧୀନରେ ଅଥବା ଏହି ନୀତିର ବ୍ୟବସ୍ଥାଗୁଡ଼ିକ ଅଧିନରେ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି ହେବା ପୂର୍ବରୁ କେତେ ପରିମାଣର ଜମି ଆବଶ୍ୟକ ପଡିବ, ସେ ସମ୍ବନ୍ଧରେ ଆର୍.ଡି.ସି. ଏକ ବାସ୍ତବବାଦୀ ଆକଳନ କରିବେ ।

(ଇ) ଯଥାର୍ଥ ଢଙ୍ଗରେ କ୍ରମାନ୍ୱୟିକ ଅଗ୍ରଗତିକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ଦ୍ୱାରା ଚିହ୍ନିତ ହୋଇଥିବା ଏକ ନିରପେକ୍ଷ ସଂସ୍ଥାଦ୍ୱାରା ସାମାଜିକ -ସାଂସ୍କୃତିକ, ସମ୍ପଦ-ଆକଳନ ତଥା ଭିତ୍ତିଭୂମି-ସଂକ୍ରାନ୍ତୀୟ ଏକ ସର୍ବେକ୍ଷଣ ସମ୍ପାଦିତ ହେବ । ସଂଶ୍ଳିଷ୍ଟ ଆଇନ୍ ବା ଆଇନଗୁଡ଼ିକ ଅଧୀନରେ ଅଥବା ଏହି ନୀତିର ବ୍ୟବସ୍ଥାଗୁଡ଼ିକ ଅଧୀନରେ ଜମି ଅଧିଗ୍ରହଣ ପାଇଁ ଉଦ୍ଦିଷ୍ଟ ଥିବା ବିଜ୍ଞପ୍ତି ଜାରି ହେବାର ଦୁଇମାସ ମଧ୍ୟରେ ଏହି ସର୍ବେକ୍ଷଣକୁ ସଂପୂର୍ଣ୍ଣ କରିବା ହେଉଛି ସଂପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ।

(ଏଫ୍) ସଚେତନତା ସୃଷ୍ଟି ପାଇଁ ଏକ ସୁସମନ୍ୱିତ ଗଣଚେତନା ଯୋଜନା ପ୍ରସ୍ତୁତ କରାଯିବ ଏବଂ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ । ନାଗରିକ ସମାଜକୁ ଜଡିତ କରି ନିଆହେବାକୁ ଥିବା ଏହି ଅଭିକ୍ଷେପର ଟିକିନିଖି କଳକୌଶଳ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି କରାଯିବ । ଏହି ଗଣଚେତନା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ଅର୍ଥରାଶିକୁ ସଂପୃକ୍ତ ପ୍ରକଳ୍ପ ବା ପ୍ରକଳ୍ପସମୂହ ବହନ କରିବେ ।

(ଜି) ଅନୁସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବର ପ୍ରାରମ୍ଭ ପୂର୍ବରୁ ଗ୍ରାମସଭା ବା ସମୁଚିତ ସ୍ତରର ପଞ୍ଚାୟତ ସହ ପରାମର୍ଶ କରାଯିବ ।

(ଏଚ୍) ବିଭିନ୍ନ ସଂସ୍ଥା ତରଫରୁ କାର୍ଯ୍ୟାନ୍ୱିତ ହେଉଥିବା ସାଧାରଣ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ ପୁନର୍ବାସ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଥିବା ପୁନର୍ବାସ ଓ ପୁନଃସଂସ୍ଥାନ ସୁବିଧାସମୂହ ସହ ସମନ୍ୱିତ କରାଯିବ, ଏବଂ ସେଗୁଡ଼ିକୁ ବିସ୍ଥାପିତ ପରିବାରମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦିଆଯିବ ।

(ଆଇ) ପ୍ରତି ବିସ୍ଥାପିତ ପରିବାରଙ୍କୁ ସେହି ପ୍ରକାରର ପରିଚୟ ପତ୍ର ଯୋଗାଇ ଦିଆଯିବ, ଯାହାକି ସରକାର ବିହିତ କରିବେ ।

**୫. ପ୍ରକଳ୍ପଗୁଡ଼ିକର ଶ୍ରେଣୀ ବିଭାଗ :**

**ଏ. ଶିଳ୍ପଭିତ୍ତିକ ପ୍ରକଳ୍ପ ;**

**ବି. ଖଣିଭିତ୍ତିକ ପ୍ରକଳ୍ପ ;**

**ସି. ଜଳସେଚନ ପ୍ରକଳ୍ପ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ;**

**ଡି. ସହରାଞ୍ଚଳ ପ୍ରକଳ୍ପ ତଥା ରାସ୍ତା, ରେଳପଥ, ବୈଦ୍ୟୁତିକ ଲାଇନ୍ ଭଳି ଦୈର୍ଘ୍ୟାକାର ପ୍ରକଳ୍ପମାନ ; ଏବଂ**

ଇ. **ଅନ୍ୟ ଯେ କୌଣସି ପ୍ରକାର ପ୍ରକଳ୍ପ ।**

**୬. ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ପ୍ରଦାନ:**

ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତିର ଅଧିଗ୍ରହଣ ଏବଂ କ୍ଷତିପୂରଣ ବା ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନ ବ୍ୟାପାରରେ ସରକାରଙ୍କ ଦ୍ୱାରା ବିହିତ ପଦ୍ଧତି ଅନୁସୃତ ହେବ । ବିସ୍ଥାପିତ ପରିବାରମାନଙ୍କୁ ସେମାନଙ୍କର ସମସ୍ତ ପ୍ରାପ୍ୟ କ୍ଷତିପୂରଣ ଅର୍ଥ ସେମାନଙ୍କ ନାଁରେ ବ୍ୟାଙ୍କରେ ଥିବା ଆକାଉଣ୍ଟ ଜରିଆରେ ଦିଆଯିବ ।

ସ୍କୁଲ୍‌ଗୃହ, କ୍ଲବ ଘର, ଡାକ୍ତରଖାନା, ପଞ୍ଚାୟତ ଘର, ବୈଦ୍ୟୁତିକ କେନ୍ଦ୍ର ଓ ଉପାସନା ସ୍ଥଳ ଭଳି ସର୍ବସାଧାରଣ ସମ୍ପତ୍ତି କ୍ଷେତ୍ରରେ ଏସବୁର ଆକଳିତ ମୂଲ୍ୟ ସଂପୃକ୍ତ ଜିଲ୍ଲାପାଳଙ୍କ ପାଖରେ ଜମା ରଖାଯିବ । ବିସ୍ଥାପିତ ଲୋକମାନଙ୍କ ପ୍ରତିନିଧିମାନଙ୍କ ସହ କଥାବାର୍ତ୍ତା ଭିତ୍ତିରେ ସ୍ଥିର ହୋଇଥିବା ସ୍ଥାନରେ ପ୍ରକଳ୍ପ କର୍ତ୍ତୃପକ୍ଷ ଅଥବା ଜିଲ୍ଲା ପ୍ରଶାସନ ଏସବୁର ନିର୍ମାଣକାର୍ଯ୍ୟ ହାତକୁ ନେବେ ।

ସଂଶ୍ଳିଷ୍ଟ ଆଇନ୍ ବା ଆଇନ୍‌ଗୁଡିକ ଅଧୀନରେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜାରି ହେବା ପରେ ପ୍ରକଳ୍ପ-ପ୍ରସ୍ତାବକ ନିଜେ ମୂଲଚାଲ ଜରିଆରେ ସ୍ଥିରୀକୃତ ଦାମ୍ ବିନିମୟରେ ସିଧାସଳଖ ଜମି କିଣିବା ପାଇଁ ଚାହିଁପାରନ୍ତି । ଯଦି ଏହି ପ୍ରତ୍ୟକ୍ଷ ପଦ୍ଧତିରେ ଜମି ଅଧିଗ୍ରହଣ ସମ୍ଭବ ନହୁଏ, ତେବେ ସଂଶ୍ଳିଷ୍ଟ ଆଇନ୍‌ର ଅନ୍ୟାନ୍ୟ ବ୍ୟବସ୍ଥାଗୁଡିକୁ ପ୍ରୟୋଗ କରାଯାଇପାରେ ।

ଉଦ୍ଦିଷ୍ଟ କାରଣ ପାଇଁ ଓ ବିହିତ ସମୟସୀମା ମଧ୍ୟରେ ଯେଉଁସବୁ ଜମି ପ୍ରକଳ୍ପ ଦ୍ୱାରା ବ୍ୟବହୃତ ହୋଇନଥିବ, ତାହା ପୂର୍ବସ୍ଥିତିକୁ ଫେରିଆସିବ (Resumed) ।

**୭. ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନା:**

ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଏବଂ ବିସ୍ଥାପିତ ପରିବାରମାନଙ୍କ ପସନ୍ଦକୁ ଭିତ୍ତି କରି ତଥା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତିରେ ବିସ୍ଥାପିତ ଗୋଷ୍ଠୀମାନଙ୍କ ସହ ଯଥାବିଧି ପରାମର୍ଶ କଲାପରେ ଜିଲ୍ଲାପାଳ ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନା ପ୍ରସ୍ତୁତ କରିବେ । ମହିଳା, ଦୁର୍ବଳ ଶ୍ରେଣୀ ଓ ଦେଶଜ ଜନଗୋଷ୍ଠୀମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତାଗୁଡିକୁ ଏହି ଯୋଜନା ବିଚାରକୁ ନେବା ଉଚିତ୍ । ଏହି ଯୋଜନାକୁ 'ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି' ସମ୍ମୁଖରେ ଅନୁମୋଦନ ପାଇଁ ପେଶ୍ କରାଯିବ ।

ଯୋଜନାଟିକୁ ତିଆରି କଲାବେଳେ ନିମ୍ନୋକ୍ତ ଦିଗଗୁଡିକୁ ବିଚାରକୁ ନିଆଯିବା ଉଚିତ୍ :

(୧) ବିସ୍ଥାପିତ ପରିବାରମାନଙ୍କ ସହ ପରାମର୍ଶ କରି 'ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି' ପୁନର୍ବାସ ଉଦ୍ଦେଶ୍ୟରେ ଉପଯୁକ୍ତ ସ୍ଥାନ ବାଛିବେ ।

(୨) 'ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି' ଦ୍ୱାରା ଅନୁମୋଦିତ ହୋଇଥିବା ପୁନର୍ବାସ କାର୍ଯ୍ୟ ସଂପୂର୍ଣ୍ଣ ନ ହେବା ଯାଏଁ ପ୍ରକୃତ ବିସ୍ଥାପନ କରାଯିବ ନାହିଁ । ପୁନର୍ବାସ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ବୋଲି ଜିଲ୍ଲାପାଳ ହିଁ ପ୍ରମାଣପତ୍ର ଦେବେ ।

(୩) ଗ୍ରାମସଭା ସହ ପରାମର୍ଶ କରାଯିବ ।

(୪) ଯେଉଁ ପରିବାର ଏକାଧିକବାର ବିସ୍ଥାପନ ହେଉଥିବ, ତାଙ୍କୁ ପ୍ରାପ୍ୟ ହେଉଥିବା ସାଧାରଣ କ୍ଷତିପୂରଣ ସହିତ ଏହାର ଶତକଡା ୫୦ ଭାଗ ଅର୍ଥ ଏକକାଳୀନ ସାନୁଗ୍ରହ (ରଙ୍ଗ-ଶକ୍ସବଗ୍ସସବ) ରାଶିକୁ ଅତିରିକ୍ତ କ୍ଷତିପୂରଣ ଆକାରରେ ଦିଆଯିବ ।

(୫) ଜମିକୁ ପ୍ରକୃତ ଅର୍ଥରେ ଛାଡିବା ତାରିଖରୁ ହିଁ ପୁନଃସଂସ୍ଥାନ-ସଂପର୍କୀତ ବ୍ୟବସ୍ଥାଗୁଡିକ ପ୍ରଭାବ ବହନ କରିବ ।

(୬) ଏହି ନୀତିରେ ସ୍ଥାନିତ ହୋଇଥିବା ବ୍ୟବସ୍ଥାଗୁଡିକୁ ପ୍ରକଳ୍ପ କର୍ତ୍ତୃପକ୍ଷ ମାନିକରି ଚଳିବେ ଏବଂ ଏହାଛଡା ସେମାନେ 'ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି' ଦ୍ୱାରା ସମୟାନ୍ତରରେ ନିଆଯାଉଥିବା ନିଷ୍ପତ୍ତିଗୁଡିକୁ ମଧ୍ୟ ପାଳନ କରିବେ, ଯଦି ଏହି ନିଷ୍ପତ୍ତିଗୁଡିକ ସରକାରଙ୍କ ଅନୁମୋଦିତ ନୀତିର ପରିସୀମାକୁ ଲଙ୍ଘନ କରୁନଥାଏ ।

(୭) ଉଦ୍ଦିଷ୍ଟ ହିତାଧିକାରୀମାନଙ୍କ ପାଖରେ ପୁନର୍ବାସ ଓ ପୁନଃସଂସ୍ଥାନ ସୁବିଧାଗୁଡିକୁ ସମୟବଦ୍ଧ ଢଙ୍ଗରେ ପହୁଞ୍ଚାଇବାକୁ ସୁନିଶ୍ଚିତ କରିବା ପାଇଁ ଉଭୟ ଜିଲ୍ଲା ପ୍ରଶାସନ ଓ ପ୍ରକଳ୍ପ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ।

(୮) ପୁନର୍ବାସ ଅଞ୍ଚଳରେ ବିସ୍ଥାପିତ ବ୍ୟକ୍ତିମାନଙ୍କୁ ଥଇଥାନ କରିବା ସମୟରେ ହିଁ ସେମାନଙ୍କୁ ଯୋଗାଇ ଦିଆଯାଇଥିବା ବାସଗୃହ ଓ ଜମିର ସ୍ୱତ୍ତ୍ୱାଧିକାରକୁ ଜିଲ୍ଲା ପ୍ରଶାସନ ସେମାନଙ୍କୁ ହସ୍ତାନ୍ତର କରିବା ବିଧେୟ । ଯଦି ନୂତନ ପୁନର୍ବାସ ବସତିଟି ସଂପ୍ରତି ବଜାୟ ଥିବା ଏକ ରାଜସ୍ୱ ଗ୍ରାମର ଅଂଶବିଶେଷ ହୋଇନଥାଏ, ତେବେ ଏହାକୁ ଏକ ରାଜସ୍ୱ ଗ୍ରାମ ଭାବେ ତୁରନ୍ତ ଘୋଷଣା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବେ ।

(୯) ପୂର୍ବ ଅଧିବାସୀ ଏବଂ ପୁନର୍ବାସ ହେଉଥିବା ଜନଗୋଷ୍ଠୀଙ୍କ ଭିତରେ ସୌହାର୍ଦ୍ଦପୂର୍ଣ୍ଣ ସାମାଜିକ ସଂପର୍କ ଗଢିତୋଳିବା ସହିତ ନୂତନ ବସତିର ପରିବେଶ ଯେପରି ପୁନର୍ବାସ ହେଉଥିବା ଲୋକମାନଙ୍କ ପାଇଁ ଅନୁକୂଳ ହୁଏ, ସେଥିଲାଗି ପ୍ରକଳ୍ପ କର୍ତ୍ତୃପକ୍ଷମାନେ ପଦକ୍ଷେପମାନ ନେବେ, ଏବଂ ବିସ୍ଥାପିତ ପରିବାରମାନଙ୍କ ଜୀବନର ସାମଗ୍ରୀକ ମାନଦଣ୍ଡରେ ଯେପରି ଯଥାସମ୍ଭବ ଉନ୍ନତି ଘଟେ, ସେଥିଲାଗି ମଧ୍ୟ ପ୍ରକଳ୍ପ କର୍ତ୍ତୃପକ୍ଷମାନେ ପଦକ୍ଷେପ ନେବେ ।

(୧୦)ଏହି ନୀତିର ଅନ୍ୟସ୍ଥାନରେ କର୍ମନିଯୁକ୍ତି ଯୋଗାଣ ବିଷୟରେ ଯାହାକିଛି ବିଶଦ୍ ବ୍ୟବସ୍ଥା ରଖାଯାଇଛି, ତହିଁର ସାପେକ୍ଷତାକୁ ସ୍ୱୀକାର କରି ପ୍ରକଳ୍ପ କର୍ତ୍ତୃପକ୍ଷମାନେ ନିଯୁକ୍ତି କ୍ଷେତ୍ରରେ ରାଜ୍ୟସରକାରଙ୍କ ଦ୍ୱାରା ସମୟାନ୍ତରରେ ପ୍ରକାଶ ପାଉଥିବା ବିଶଦ୍ ମାର୍ଗଦର୍ଶିକାକୁ ଭିତ୍ତି କରି ସ୍ଥାନୀୟ ଲୋକମାନଙ୍କୁ ଅଗ୍ରାଧିକାର ଦେବେ, ଏବଂ ଏହି ନିଯୁକ୍ତି ପ୍ରକଳ୍ପର କାର୍ଯ୍ୟକାରିତା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବ୍ୟାପାରରେ ଉଭୟ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ଅଥବା ସେମାନଙ୍କ ଦ୍ୱାରା ନିଯୁକ୍ତ ଠିକାଦାରଙ୍କ ମାଧ୍ୟମରେ ମିଳିପାରେ ।

**୮. ପୁନଃସଂସ୍ଥାନ ସାହାଯ୍ୟ**

ଅନୁଚ୍ଛେଦ ୫ରେ ଦର୍ଶିତ ହୋଇ ଥିବା ପ୍ରକଳ୍ପର ପ୍ରକାରଭେଦ (Type) ଅନୁଯାୟୀ ପୁନଃସଂସ୍ଥାନ ସାହାଯ୍ୟ ଦିଆଯିବ, କାରଣ ପ୍ରକଳ୍ପ କେଉଁ ଧରଣର, କେଉଁ ଉତ୍ସରୁ ଏଥିପାଇଁ ପାଣ୍ଠି ମିଳୁଛି ଏବଂ ଏହା ଫଳରେ ଘଟୁଥିବା ବିସ୍ଥାପନ ଏବଂ ପ୍ରଭାବର ବିସ୍ତୃତି ଦୃଷ୍ଟିରୁ ପ୍ରକଳ୍ପଗୁଡିକ ଭିତରେ ପ୍ରଭେଦ ରହିଛି ।

**(୧) ଟାଇପ୍- ଏ : ଶିଳ୍ପଭିତ୍ତିକ ପ୍ରକଳ୍ପ:**

**(ଏ) ନିଯୁକ୍ତି:**

ବିସ୍ଥାପିତ ପରିବାରମାନେ ବିସ୍ଥାପନ ସୃଷ୍ଟି କରୁଥିବା ପ୍ରକଳ୍ପ ଦ୍ୱାରା ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ନିଯୁକ୍ତି ପାଇବା ପାଇଁ ପ୍ରତି ମୂଳ ପରିବାର ନିଜ ଭିତରୁ କୌଣସି ଜଣେ ସଦସ୍ୟଙ୍କୁ ମନୋନୀତ କରିବେ । କିନ୍ତୁ ନିଯୁକ୍ତି ଯୋଗାଇବା କ୍ଷେତ୍ରରେ ଅନୁଚ୍ଛେଦ ୨ (ଏଫ୍) ଅନ୍ତର୍ଗତ (୧), (୨), (୩), (୪) କିମ୍ବା (୫) ରେ ସୂଚିତ ହୋଇଥିବା ପରିବାରମାନଙ୍କୁ ଅଲଗାଅଲଗା ଭାବେ ବିଚାରକୁ ନିଆଯିବ ନାହିଁ । ଏହିସବୁ ଶ୍ରେଣୀର ପରିବାରମାନଙ୍କ

ଭିତରୁ କେବଳ ମାତ୍ର ଜଣେ ବ୍ୟକ୍ତି, ଯାହାଙ୍କୁ ଅନୁଚ୍ଛେଦ ୨(ଏଫ୍) ରେ ସଂଜ୍ଞାୟିତ ହୋଇଥିବା ଏକ ପରିବାର ନିଯୁକ୍ତି ଉଦ୍ଦେଶ୍ୟରେ ମନୋନୀତ କରିଥିବେ, ତାଙ୍କୁ ନିଯୁକ୍ତି ମିଳିପାରେ ଏବଂ ପୁଣି ସେ ଯଦି ଯୋଗ୍ୟ ବୋଲି ବିବେଚିତ ହୁଅନ୍ତି । ପ୍ରକଳ୍ପ ପ୍ରସ୍ତାବକ ଅଗ୍ରାଧିକାର ଭିତ୍ତିରେ ବିସ୍ଥାପିତ/ଅନ୍ୟ ପରିବାରମାନଙ୍କ ଦ୍ୱାରା ମନୋନୀତ ହୋଇଥିବା ସଦସ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ । ଏହି ଅଗ୍ରାଧିକାର ଶୃଙ୍ଖଳା ନିମ୍ନମତେ ହେବ-

(୧) ବିସ୍ଥାପିତ ପରିବାର, ଯେ କି ଘରଡିହ ସମେତ ସମସ୍ତ ଜମି ହରାଉଥିବେ ।
(୨) ବିସ୍ଥାପିତ ପରିବାର. ଯେ କି ଦୁଇତୃତୀୟାଂଶରୁ ଅଧିକ କୃଷିଜମି ଏବଂ ଘରଡିହ ହରାଉଥିବେ ।
(୩) ବିସ୍ଥାପିତ ପରିବାର. ଯେ କି ଏକତୃତୀୟାଂଶରୁ ଅଧିକ କୃଷିଜମି ଏବଂ ଘରଡିହ ହରାଉଥିବେ ।
(୪) ବିସ୍ଥାପିତ ପରିବାର. ଯେ କି କେବଳ ଘରଡିହ ହରାଉଥିବେ, କିନ୍ତୁ କୃଷି ଜମି ହରାଉନଥିବେ ।
(୫) ବିସ୍ଥାପିତ ପରିବାର. ଯେ କି କେବଳ କୃଷିଜମି ହରାଉଥିବେ, କିନ୍ତୁ ଘରଡିହ ହରାଉନଥିବେ ।

ବିସ୍ଥାପିତ ପରିବାରଙ୍କ ଦ୍ୱାରା ମନୋନୀତ ସଦସ୍ୟଙ୍କୁ ପ୍ରକଳ୍ପରେ ନିଯୁକ୍ତି-ଯୋଗ୍ୟ କରିବା ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷ ତାଙ୍କର ଦକ୍ଷତା-ବୃଦ୍ଧିରେ ସହାୟକ ହେବାଭଳି ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରିବେ ।

୧- ଯଦି ବିସ୍ଥାପିତ ପରିବାରଙ୍କ ଦ୍ୱାରା ମନୋନୀତ ସଦସ୍ୟ ଜଣକ ବୟସ ଛଡା ଅନ୍ୟସବୁ ଦୃଷ୍ଟିରୁ ନିଯୁକ୍ତି ପାଇବାକୁ ଯୋଗ୍ୟ ବୋଲି ବିବେଚିତ ହୁଅନ୍ତି, ତେବେ ସର୍ବୋଚ୍ଚ ବୟସସୀମାକୁ ୫ ବର୍ଷ କୋହଳ କରି ଦିଆଯିବ ।
୨- ପ୍ରକଳ୍ପ କର୍ତ୍ତୃପକ୍ଷମାନେ ସେମାନଙ୍କ ନିକଟରେ ଥିବା ନିଯୁକ୍ତି ପ୍ରଦାନ କ୍ଷମତା ବିଷୟରେ ଯଥେଷ୍ଟ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରିଥିବେ ।
୩- ଯଥାସମ୍ଭବ ଲକ୍ଷ୍ୟ ହେବ, ଉପରେ ସୂଚିତ ପ୍ରତି ପରିବାରରୁ ଜଣେ ବ୍ୟକ୍ତିଙ୍କୁ ପ୍ରକଳ୍ପରେ କର୍ମନିଯୁକ୍ତି ଯୋଗାଇଦେବା । କିନ୍ତୁ, ଯେଉଁ ସ୍ଥଳେ ପ୍ରକଳ୍ପ କର୍ତ୍ତୃପକ୍ଷ ନିଜେ ଲିଖିତଭାବେ ଦର୍ଶାଇଥିବା କାରଣ ଯୋଗୁଁ ନିଯୁକ୍ତି ଦେଇପାରିବେ ନାହିଁ, ସେହିସ୍ଥଳେ ସଂପୃକ୍ତ ବିସ୍ଥାପିତ ପରିବାରଙ୍କୁ ନିମ୍ନମତେ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯିବ । ଯେଉଁ ବିସ୍ଥାପିତ ପରିବାରମାନେ ଉପ-ଅନୁଚ୍ଛେଦ (ଏ) ଓ (ବି)ରେ ସୂଚିତ ହୋଇଥିବା ନିଯୁକ୍ତି ବା ଆତ୍ମନିଯୁକ୍ତି ପାଇଁ ଆଗ୍ରହୀ ହେବେନି, ସେମାନଙ୍କୁ ପ୍ରକଳ୍ପ କର୍ତ୍ତୃପକ୍ଷ ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତା ନିମ୍ନ ହାରରେ ପ୍ରଦାନ କରିବେ –

| କ୍ର.ସଂ. | ଉପରେ ସୂଚିତ ଉପ-ଅନୁଚ୍ଛେଦ (ଏ) ଅନୁଯାୟୀ ଶ୍ରେଣୀଭୁକ୍ତ ପରିବାର | ଏକକାଳୀନ ଆର୍ଥିକ ସହାୟତାର ପରିମାଣ (ଲକ୍ଷଟଙ୍କା ଆକାରରେ) |
|---|---|---|
| (୧) | ୧ମ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିସ୍ଥାପିତ ପରିବାରମାନେ | ୫.୦୦ |
| (୨) | ୨ୟ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିସ୍ଥାପିତ ପରିବାରମାନେ | ୩.୦୦ |
| (୩) | ୩ୟ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିସ୍ଥାପିତ ପରିବାରମାନେ | ୨.୦୦ |
| (୪) | ୪ର୍ଥ ଓ ୫ମ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିସ୍ଥାପିତ ପରିବାରମାନେ | ୧.୦୦ |

**(ବି) ଆତ୍ମନିଯୁକ୍ତି ପାଇଁ ତାଲିମ୍ :**

ସଂପୃକ୍ତ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ ମତେ ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ରତି ବିସ୍ଥାପିତ ପରିବାରର ଅନ୍ତତଃ ଜଣେ ଲେଖାଁ ବ୍ୟକ୍ତିଙ୍କୁ ବୈଷୟିକ ତାଲିମ୍ ପ୍ରଦାନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବେ, ଯାହା ଫଳରେ କି ସେହି ବ୍ୟକ୍ତି ନିଜେ ଏକ କ୍ଷୁଦ୍ର ଉଦ୍ୟୋଗ ଖୋଲିବା ପାଇଁ ତଥା କର୍ମନିଯୁକ୍ତି କ୍ଷେତ୍ରରେ ସୃଷ୍ଟି ହୋଇଥିବା ନୂଆନୂଆ ସମ୍ଭାବନା ଗୁଡିକର ସୁଯୋଗ ଉଠାଇବା ପାଇଁ ନିଜର ସାମର୍ଥ୍ୟ ବଢାଇବାରେ ସକ୍ଷମ ହୋଇପାରିବେ । ଯେଉଁମାନେ ପାରମ୍ପରିକ ବୃତ୍ତି/ହସ୍ତଶିଳ୍ପ/ହସ୍ତତନ୍ତରେ ନିଯୁକ୍ତ ଥିବେ, ସେମାନଙ୍କର ସାଂପ୍ରତିକ ଦକ୍ଷତାକୁ ଅଧିକ ଉନ୍ନତ କରାଇବା ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଖର୍ଚ୍ଚରେ ଉପଯୁକ୍ତ ତାଲିମ୍ ପ୍ରଦାନ କରାଯିବ ।

**(ସି) ବିନିମେୟ ଅଧିମାନ୍ୟ ଅଂଶଧନ :**

ଯଦି ବିସ୍ଥାପିତ ପରିବାରମାନେ ଚାହାଁନ୍ତି ଏବଂ ବର୍ତ୍ତମାନ ବଳବତ୍ତର ଥିବା ସଂପୃକ୍ତ ଆଇନ୍/ଆଇନ୍‌ଗୁଡିକରେ ଥିବା ବ୍ୟବସ୍ଥା ଅଧୀନରେ ରହି, ପ୍ରତି ପ୍ରକଳ୍ପ କର୍ତ୍ତୃପକ୍ଷ ଉଲ୍ଲିଖିତ ଅନୁଚ୍ଛେଦ (ଏ)ରେ ସୂଚିତ ହୋଇଥିବା ଏକକାଳୀନ ଆର୍ଥିକ ସହାୟତାର ସର୍ବାଧିକ ୫୦ଶତାଂଶକୁ ବିନିମେୟ ଅଧିମାନ୍ୟ ଅଂଶଧନ (Convertible Preference Share) ବା ସିକ୍ୟୁରିଟି ବଣ୍ଡ ଆକାରରେ ଜାରି କରିପାରନ୍ତି ।

**(ଡି) ଘରଡିହ ଜମି ପାଇଁ ବ୍ୟବସ୍ଥା:**

ଯଦି ଜମି ଉପଲବ୍ଧ ଥାଏ, ତେବେ ପ୍ରତି ବିସ୍ଥାପିତ ପରିବାରଙ୍କୁ ପୁନର୍ବାସ ବସତିରେ ଘରଡିହ ବନେଇବା ଉଦ୍ଦେଶ୍ୟରେ ଅନ୍ତତଃ ଏକଦଶମାଂଶ ଏକର ଜମି ମାଗଣାରେ ଯୋଗାଇ ଦିଆଯିବ ।

**(ଇ) ସ୍ୱ-ସଂସ୍ଥାପନ ପାଇଁ ସହାୟତା:**

ଯେଉଁ ବିସ୍ଥାପିତ ପରିବାର ପୁନର୍ବାସ ବସତି ବଦଳରେ ଅନ୍ୟତ୍ର ସ୍ୱ-ସଂସ୍ଥାପିତ ହେବାକୁ ଚାହିଁବେ, ତାଙ୍କୁ ଘରଡିହ ଜମିର ପ୍ରତିବଦଳରେ ୫୦ ହଜାର ଟଙ୍କାର ଏକାକାଳୀନ ଆର୍ଥିକ ଅନୁଦାନ ଦିଆଯିବ ।

**(ଏଫ୍) ଘରନିର୍ମାଣ ପାଇଁ ସାହାଯ୍ୟ:**

ଏହାଛଡା, ପ୍ରକଳ୍ପ କର୍ତ୍ତୃପକ୍ଷ ପୁନର୍ବାସ ବସତିରେ ପ୍ରତି ବିସ୍ଥାପିତ ପରିବାରଙ୍କ ପାଇଁ ଗୃହ ନିର୍ମାଣ କରିବେ, ନଚେତ୍ ପୁନର୍ବାସ ବସତି ଭିତରେ ବାସକରିବାକୁ ଚାହିଁଥିବା ପ୍ରତି ବିସ୍ଥାପିତ ପରିବାରଙ୍କୁ ଅଥବା ଅନ୍ୟତ୍ର ପୁନର୍ବାସ ପାଇଁ ଆଗ୍ରହୀ ଥିବା ବିସ୍ଥାପିତ ପରିବାରଙ୍କୁ ଦେଢଲକ୍ଷ ଟଙ୍କାର ଗୃହନିର୍ମାଣ ସାହାଯ୍ୟ ପ୍ରଦାନ କରିବେ ।

(ଜି) ଦୋକାନ ଓ ବ୍ୟବସାୟିକ ସେବା-ଉଦ୍ୟୋଗମାନ

ପ୍ରକଳ୍ପ କର୍ତ୍ତୃପକ୍ଷମାନେ ଉପଯକ୍ତ ସ୍ଥାନମାନଙ୍କରେ ନିଜ ଖର୍ଚ୍ଚରେ ଦୋକାନଗୃହ ଓ ବ୍ୟବସାୟିକ ସେବା-ଉଦ୍ୟୋଗମାନ ନିର୍ମାଣ କରିବେ, ଯେଉଁଗୁଡିକୁ ଆତ୍ମନିଯୁକ୍ତି-ଆଶାୟୀ ବିସ୍ଥାପିତ ପରିବାରମାନଙ୍କୁ ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ଆବଣ୍ଟନ କରାଯିବ । ଏହି ଆବଣ୍ଟନ ବେଳେ ଶାରିରୀକଭାବେ ଅକ୍ଷମ ବ୍ୟକ୍ତି ଏବଂ ଅନୁସୂଚିତ ଜାତି ଓ ଜନଜାତିର ବିସ୍ଥାପିତ ପରିବାରଙ୍କୁ ଅଗ୍ରାଧିକାର ଦିଆଯିବ ।

(୨) ଟାଇପ୍ 'ବି': ଖଣିଭିତ୍ତିକ ପ୍ରକଳ୍ପ

(ଏ) ନିଯୁକ୍ତି:

ବିସ୍ଥାପିତ ପରିବାରମାନେ ବିସ୍ଥାପନ ସୃଷ୍ଟି କରୁଥିବା ପ୍ରକଳ୍ପ ଦ୍ୱାରା ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ନିଯୁକ୍ତି ପାଇବା ପାଇଁ ପ୍ରତି ପରିବାର ନିଜ ଭିତରୁ କୌଣସି ଜଣେ ସଦସ୍ୟଙ୍କୁ ମନୋନୀତ କରିବେ । ପ୍ରକଳ୍ପ ପ୍ରସ୍ତାବକ ଅଗ୍ରାଧିକାର ଭିତ୍ତିରେ ବିସ୍ଥାପିତ/ଅନ୍ୟ ପରିବାରମାନଙ୍କ ଦ୍ୱାରା ମନୋନୀତ ହୋଇଥିବା ସଦସ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ । ଏହି ଅଗ୍ରାଧିକାରର ଶୃଙ୍ଖଳା ନିମ୍ନମତେ ହେବ-

(୧) ବିସ୍ଥାପିତ ପରିବାର, ଯେ କି ଘରଡିହ ସମେତ ସମସ୍ତ ଜମି ହରାଉଥିବେ ।
(୨) ବିସ୍ଥାପିତ ପରିବାର. ଯେ କି ଦୁଇତୃତୀୟାଂଶରୁ ଅଧିକ କୃଷିଜମି ସହ ଘରଡିହ ହରାଉଥିବେ ।
(୩) ବିସ୍ଥାପିତ ପରିବାର. ଯେ କି ସମସ୍ତ କୃଷିଜମି ହରାଉଥିବେ, କିନ୍ତୁ ଘରଡିହ ହରାଉ ନଥିବେ ।
(୪) ବିସ୍ଥାପିତ ପରିବାର. ଯେ କି ଏକତୃତୀୟାଂଶରୁ ଅଧିକ କୃଷିଜମି ସହ ଘରଡିହ ହରାଉଥିବେ ।
(୫) ବିସ୍ଥାପିତ ପରିବାର. ଯେ କି କେବଳ ଘରଡିହ ହରାଉଥିବେ, କିନ୍ତୁ କୃଷି ଜମି ହରାଉନଥିବେ ।
(୬) ବିସ୍ଥାପିତ ପରିବାର. ଯେ କି କୃଷିଜମିର ଆଂଶିକ ହରାଉଥିବେ, କିନ୍ତୁ ଘରଡିହ ହରାଉନଥିବେ ।

ବିସ୍ଥାପିତ ପରିବାରଙ୍କ ଦ୍ୱାରା ମନୋନୀତ ସଦସ୍ୟଙ୍କୁ ପ୍ରକଳ୍ପରେ ନିଯୁକ୍ତି-ଯୋଗ୍ୟ କରିବା ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷ ତାଙ୍କର ଦକ୍ଷତା-ବୃଦ୍ଧିରେ ସହାୟକ ହେବାଭଳି ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରିବେ ।

୧- ଯଦି ବିସ୍ଥାପିତ ପରିବାରଙ୍କ ଦ୍ୱାରା ମନୋନୀତ ସଦସ୍ୟ ବୟସ ଛଡା ଅନ୍ୟସବୁ ଦୃଷ୍ଟିରୁ ନିଯୁକ୍ତି ପାଇବାକୁ ଯୋଗ୍ୟ ବୋଲି ବିବେଚିତ ହୁଅନ୍ତି, ତେବେ ସର୍ବୋଚ୍ଚ ବୟସସୀମାକୁ ୫ ବର୍ଷ କୋହଳ କରି ଦିଆଯିବ ।

୨- ପ୍ରକଳ୍ପ କର୍ତ୍ତୃପକ୍ଷମାନେ ସେମାନଙ୍କ ନିକଟରେ ଥିବା ନିଯୁକ୍ତି ପ୍ରଦାନ କ୍ଷମତା ବିଷୟରେ ଯଥେଷ୍ଟ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରିଥିବେ ।

୩- ଯଥାସମ୍ଭବ ଲକ୍ଷ୍ୟ ହେବ, ଉପରେ ସୂଚିତ ପ୍ରତି ପରିବାରରୁ ଜଣେ ବ୍ୟକ୍ତିଙ୍କୁ ପ୍ରକଳ୍ପରେ କର୍ମନିଯୁକ୍ତି ଯୋଗାଇଦେବା । କିନ୍ତୁ, ଯେଉଁ ସ୍ଥଳେ ପ୍ରକଳ୍ପ କର୍ତ୍ତୃପକ୍ଷ ନିଜେ ଲିଖିତଭାବେ ଦର୍ଶାଇଥିବା କାରଣ ଯୋଗୁଁ ନିଯୁକ୍ତି ଦେଇପାରିବେ ନାହିଁ, ସେହିସ୍ଥଳେ ସଂପୃକ୍ତ ବିସ୍ଥାପିତ ପରିବାରଙ୍କୁ ନିମ୍ନମତେ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯିବ । ଯେଉଁ ବିସ୍ଥାପିତ ପରିବାରମାନେ ଉପ-ଅନୁଚ୍ଛେଦ (ଏ) ଓ (ବି)ରେ ସୂଚିତ ହୋଇଥିବା ନିଯୁକ୍ତି ବା ଆତ୍ମନିଯୁକ୍ତି ପାଇଁ ଆଗ୍ରହୀ ହେବେନି, ସେମାନଙ୍କୁ ପ୍ରକଳ୍ପ କର୍ତ୍ତୃପକ୍ଷ ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତା ନିମ୍ନଲିଖିତ ହାରରେ ପ୍ରଦାନ କରିବେ -

| କ୍ର.ସଂ. | ଉପରେ ସୂଚିତ ଉପ-ଅନୁଚ୍ଛେଦ (ଏ) ଅନୁଯାୟୀ ଶ୍ରେଣୀଭୁକ୍ତ ପରିବାର | ଏକକାଳୀନ ଆର୍ଥିକ ସହାୟତାର ପରିମାଣ (ଲକ୍ଷଟଙ୍କା ଆକାରରେ) |
|---|---|---|
| (୧) | ୧ମ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିସ୍ଥାପିତ ପରିବାରମାନେ | ୫.୦୦ |
| (୨) | ୨ୟ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିସ୍ଥାପିତ ପରିବାରମାନେ | ୩.୦୦ |
| (୩) | ୩ୟ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିସ୍ଥାପିତ ପରିବାରମାନେ | ୨.୦୦ |
| (୪) | ୪ର୍ଥ , ୫ମ ଓ ୬ଷ୍ଠ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିସ୍ଥାପିତ ପରିବାରମାନେ | ୧.୦୦ |

(ବି) ଆତ୍ମନିଯୁକ୍ତି ପାଇଁ ତାଲିମ୍

ସଂପୃକ୍ତ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ ମତେ ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ରତି ବିସ୍ଥାପିତ ପରିବାରର ଅନ୍ତତଃ ଜଣେ ଲେଖାଁ ବ୍ୟକ୍ତିଙ୍କୁ ବୈଷୟିକ ତାଲିମ୍ ପ୍ରଦାନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବେ, ଯାହା ଫଳରେ କି ସେହି ବ୍ୟକ୍ତି ନିଜେ ଏକ କ୍ଷୁଦ୍ର ଉଦ୍ୟୋଗ ଖୋଲିବା ପାଇଁ ତଥା କର୍ମନିଯୁକ୍ତି କ୍ଷେତ୍ରରେ ସୃଷ୍ଟି ହୋଇଥିବା ନୂଆନୂଆ ସମ୍ଭାବନା ଗୁଡିକର ସୁଯୋଗ ଉଠାଇବା ପାଇଁ ନିଜର ସାମର୍ଥ୍ୟ ବଢାଇବାରେ ସକ୍ଷମ ହୋଇପାରିବେ । ଯେଉଁମାନେ ପାରମ୍ପରିକ ବୃତ୍ତି/ହସ୍ତଶିଳ୍ପ/ହସ୍ତତନ୍ତରେ ନିଯୁକ୍ତ ଥିବେ, ସେମାନଙ୍କର ସାଂପ୍ରତିକ ଦକ୍ଷତାକୁ ଅଧିକ ଉନ୍ନତ କରାଇବା ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଖର୍ଚ୍ଚରେ ଉପଯୁକ୍ତ ତାଲିମ୍ ପ୍ରଦାନ କରାଯିବ ।

(ସି) ବିନିମେୟ ଅଧିମାନ୍ୟ ଅଂଶଧନ ( Convertible Preference Share)

ଯଦି ବିସ୍ଥାପିତ ପରିବାରମାନେ ଚାହାଁନ୍ତି ଏବଂ ବର୍ତ୍ତମାନ ବଳବତ୍ତର ଥିବା ସଂପୃକ୍ତ ଆଇନ୍/ଆଇନଗୁଡିକରେ ଥିବା ବ୍ୟବସ୍ଥା ଅଧୀନରେ ରହି, ପ୍ରତି ପ୍ରକଳ୍ପ କର୍ତ୍ତୃପକ୍ଷ ଉଲ୍ଲିଖିତ ଅନୁଚ୍ଛେଦ (ଏ)ରେ ସୂଚିତ ହୋଇଥିବା ଏକକାଳୀନ ଆର୍ଥିକ ସହାୟତାର ସର୍ବାଧିକ ୫୦ଶତାଂଶକୁ ବିନିମେୟ ଅଧିମାନ୍ୟ ଅଂଶଧନ ବା ସିକ୍ୟୁରିଟି ବଣ୍ଡ ଆକାରରେ ଜାରି କରିପାରନ୍ତି ।

(ଡି) ଘରଡିହ ଜମି ପାଇଁ ବ୍ୟବସ୍ଥା

ଯଦି ଜମି ଉପଲବ୍ଧ ଥାଏ, ତେବେ ପ୍ରତି ବିସ୍ଥାପିତ ପରିବାରଙ୍କୁ ପୁନର୍ବାସ ବସତିରେ ଘରଡିହ ବନେଇବା ଉଦ୍ଦେଶ୍ୟରେ ଅନ୍ତତଃ ଏକଦଶମାଂଶ ଏକର ଜମି ମାଗଣାରେ ଯୋଗାଇ ଦିଆଯିବ ।

(ଇ) ସ୍ୱ-ଇଚ୍ଛାରେ ପୁନର୍ବାସ ପାଇଁ ସହାୟତା

ଯେଉଁ ବିସ୍ଥାପିତ ପରିବାର ପୁନର୍ବାସ ବସତି ବଦଳରେ ଅନ୍ୟତ୍ର ସ୍ୱ-ସଂସ୍ଥାପିତ ହେବାକୁ ଚାହିଁବେ, ତାଙ୍କୁ ଘରଡିହ ଜମିର ପ୍ରତିବଦଳରେ ୫୦ ହଜାର ଟଙ୍କାର ଏକାକାଳୀନ ଆର୍ଥିକ ଅନୁଦାନ ଦିଆଯିବ ।

**(ଏଫ୍) ଘରନିର୍ମାଣ ପାଇଁ ସାହାଯ୍ୟ**

ଏହାଛଡା, ପ୍ରକଳ୍ପ କର୍ତ୍ତୃପକ୍ଷ ପୁନର୍ବାସ ବସତିରେ ପ୍ରତି ବିସ୍ଥାପିତ ପରିବାରଙ୍କ ପାଇଁ ଗୃହ ନିର୍ମାଣ କରିବେ, ନଚେତ୍ ପୁନର୍ବାସ ବସତି ଭିତରେ ବାସକରିବାକୁ ଚାହିଁଥିବା ପ୍ରତି ବିସ୍ଥାପିତ ପରିବାରଙ୍କୁ ଅଥବା ଅନ୍ୟତ୍ର ପୁନର୍ବାସ ପାଇଁ ଆଗ୍ରହୀ ଥିବା ବିସ୍ଥାପିତ ପରିବାରଙ୍କୁ ଦେଢଲକ୍ଷ ଟଙ୍କାର ଗୃହନିର୍ମାଣ ସାହାଯ୍ୟ ପ୍ରଦାନ କରିବେ ।

**(ଜି) ଦୋକାନ ଓ ବ୍ୟବସାୟିକ ସେବା-ଉଦ୍ୟୋଗମାନ**

ପ୍ରକଳ୍ପ କର୍ତ୍ତୃପକ୍ଷମାନେ ଉପଯୁକ୍ତ ସ୍ଥାନମାନଙ୍କରେ ନିଜ ଖର୍ଚ୍ଚରେ ଦୋକାନଗୃହ ଓ ବ୍ୟବସାୟିକ ସେବା-ଉଦ୍ୟୋଗମାନ ନିର୍ମାଣ କରିବେ, ଯେଉଁଗୁଡିକୁ ଆତ୍ମନିଯୁକ୍ତି-ଆଶାୟୀ ବିସ୍ଥାପିତ ପରିବାରମାନଙ୍କୁ ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ଆବଣ୍ଟନ କରାଯିବ । ଏହି ଆବଣ୍ଟନ ବେଳେ ଶାରିରୀକଭାବେ ଅକ୍ଷମ ବ୍ୟକ୍ତି ଏବଂ ଅନୁସୂଚିତ ଜାତି ଓ ଜନଜାତିର ବିସ୍ଥାପିତ ପରିବାରଙ୍କୁ ଅଗ୍ରାଧିକାର ଦିଆଯିବ ।

**(୩) ଟାଇପ୍ 'ସି' : ଜଳସଂପଦ ପ୍ରକଳ୍ପ/ଜାତୀୟ ପାର୍କ ଏବଂ ଅଭୟାରଣ୍ୟ:**
**ବିସ୍ଥାପିତ ପରିବାରମାନଙ୍କ ପାଇଁ ପୁନଃସଂସ୍ଥାନ ପ୍ୟାକେଜ୍**

(ଏ) ଘରଡିହ ଜମି-

ପ୍ରତି ବିସ୍ଥାପିତ ପରିବାରଙ୍କୁ ପୁନର୍ବାସ ବସତିରେ ଏକାଦଶମାଂଶ ଏକର ବା ୧୦ ଡିସିମିଲ୍ ଜମି, ଅଥବା ଅନ୍ୟସ୍ଥାନରେ ସ୍ୱ-ସଂସ୍ଥାପନ ଚାହୁଁଥିବା ପ୍ରତି ବିସ୍ଥାପିତ ପରିବାରଙ୍କୁ ଏହାର ସମତୁଲ୍ୟ ଅର୍ଥରାଶି ରୂପେ ପଚାଶ ହଜାର ଟଙ୍କା ଯୋଗାଇ ଦିଆଯିବ ।

(ବି) ଗୃହ ନିର୍ମାଣ ସାହାଯ୍ୟ:

ଗୁହାଳ ସମେତ ଗୃହନିର୍ମାଣ ବାବଦରେ ପ୍ରତି ବିସ୍ଥାପିତ ପରିବାରଙ୍କୁ ଦେଢଲକ୍ଷ ଟଙ୍କା ଦିଆଯିବ । ପୁନର୍ବାସ ବସତିରେ ବା ଅନ୍ୟତ୍ର ବସବାସ କରିବାକୁ ଚାହୁଁଥିବା ପ୍ରତି ବିସ୍ଥାପିତ ପରିବାରଙ୍କୁ ଏହା ମିଳିପାରିବ ।

(ସି) କୃଷିଜମି ପାଇଁ ସହାୟତା:

ଅନୁସୂଚିତ ଜନଜାତି (ଝଞ୍ଜ) ଶ୍ରେଣୀର ଅନ୍ତର୍ଗତ ପ୍ରତି ବିସ୍ଥାପିତ ପରିବାରଙ୍କୁ ଅଢେଇ ଏକର ଜଳସେଚିତ କୃଷିଜମି ନଚେତ୍ ପାଞ୍ଚ ଏକର ଅଣ -ଜଳସେଚିତ କୃଷିଜମି ଯୋଗାଇ ଦିଆଯିବ । ଅନ୍ୟ ସବୁ ଶ୍ରେଣୀର ବିସ୍ଥାପିତ ପରିବାରମାନଙ୍କୁ ଦୁଇ ଏକର ଜଳସେଚିତ କୃଷିଜମି ବା ଚାରି ଏକର ଅଣ-ଜଳସେଚିତ କୃଷିଜମି ଯୋଗାଇ ଦିଆଯିବ । ଯଦି ଜମି ଉପଲବ୍ଧ ନହୁଏ, ତେବେ ଜମିମରାମତି ଖର୍ଚ୍ଚକୁ ମିଶେଇ ଏକ ଏକର ଜଳସେଚିତ ଜମି ପିଛା ଏକଲକ୍ଷ ଟଙ୍କା ଏବଂ ଏକ ଏକର ଅଣ-ଜଳସେଚିତ ଜମି ପିଛା ପଚାଶ ହଜାର ଟଙ୍କା ହାରରେ ସମତୁଲ୍ୟ ଅର୍ଥରାଶି ପ୍ରଦାନ କରାଯିବ, ଅଥବା ସମୟାନ୍ତରରେ ସରକାର ସ୍ଥିର କରୁଥିବା ହାରରେ ଏହା ପ୍ରଦାନ କରାଯିବ ।

(ଡି) ରେଜିଷ୍ଟ୍ରେସନ୍ ଦେୟ:

ଯେଉଁ ସବୁ ବିସ୍ଥାପିତ ପରିବାର ଜମି ପ୍ରତିବଦଳରେ ଅର୍ଥରାଶି-ଭିତ୍ତିକ ପୁନଃସଂସ୍ଥାନ ଚାହିଁଥିବେ, କେବଳ ସେମାନଙ୍କୁ ହିଁ ବିସ୍ଥାପନ ତାରିଖର ସର୍ବାଧିକ ପାଞ୍ଚବର୍ଷ ମଧ୍ୟରେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମିର ରେଜିଷ୍ଟ୍ରେସନ୍ ଦେୟ ମିଳିବ, ଏବଂ ଏହା ଦେଶଜ (Indigenous) ପରିବାରମାନଙ୍କ କ୍ଷେତ୍ରରେ ସର୍ବାଧିକ ପାଞ୍ଚ ଏକର ପର୍ଯ୍ୟନ୍ତ ଅଣ-ଜଳସେଚିତ ଜମି ବା ଅଢେଇ ଏକର ପର୍ଯ୍ୟନ୍ତ ଜଳସେଚିତ ଜମି ପାଇଁ ଏବଂ ଅନ୍ୟସବୁ ଶ୍ରେଣୀର ବିସ୍ଥାପିତ ପରିବାରଙ୍କ କ୍ଷେତ୍ରରେ ସର୍ବାଧିକ ଚାରି ଏକର ଅଣ-ଜଳସେଚିତ ଜମି ବା ଦୁଇ ଏକର ଜଳସେଚିତ ଜମି ପାଇଁ ମିଳିବ ।

**(୪) ଟାଇପ୍ 'ଡି' : ସହରାଞ୍ଚଳ ଓ ଦୈର୍ଘ୍ୟାକାର ପ୍ରକଳ୍ପମାନ**

ପ୍ରତି ବିସ୍ଥାପିତ ପରିବାରଙ୍କୁ ନିମ୍ନମତେ ମିଳିବ:

(ଏ) ଘରଡିହ ଜମି-

ଯଦି ଜମି ମିଳିବାର ସମ୍ଭାବନା ଥାଏ, ତେବେ ସମୃଦ୍ଧିପ୍ରାପ୍ତ କେନ୍ଦ୍ରସ୍ଥଳଗୁଡିକ ନିକଟରେ, ଅର୍ଥାତ୍ ରାସ୍ତାପାର୍ଶ୍ୱ, ବିଶିଷ୍ଟ ଛକସ୍ଥାନ ଓ ରେଳଷ୍ଟେସନ୍ ଇତ୍ୟାଦିକୁ ଲାଗିଥିବା ଜମିରୁ ଏକ-ଦଶମାଂଶ ଏକର (ଦଶ ଡିସିମିଲ୍) ଗ୍ରାମାଞ୍ଚଳରେ ଏବଂ ଏକ-ପଞ୍ଚବିଂଶ ଏକର (ଚାରି ଡିସିମିଲ୍) ସହରାଞ୍ଚଳରେ ଯୋଗାଇ ଦିଆଯିବ । ଆବଶ୍ୟକ ପଡିଲେ, ଏହି ଉଦ୍ଦେଶ୍ୟରେ ପ୍ରକଳ୍ପ କର୍ତ୍ତୃପକ୍ଷ ସଂଶ୍ଳିଷ୍ଟ ଆଇନ୍ ଅଧୀନରେ ଏହି ଧରଣର ଉପଯୁକ୍ତ ଜମି ଅଧିଗ୍ରହଣ କରିପାରନ୍ତି ।

(ବି) ଗୃହନିର୍ମାଣ ସାହାଯ୍ୟ-

ପୁନର୍ବାସ ବସତିରେ ରହିବାକୁ ଚାହୁଁଥାନ୍ତୁ ବା ଅନ୍ୟତ୍ର ନିଜକୁ ସ୍ୱ-ସଂସ୍ଥାପିତ କରିବାକୁ ଚାହୁଁଥାନ୍ତୁ, ପ୍ରତି ବିସ୍ଥାପିତ ପରିବାରଙ୍କୁ ଦେଢଲକ୍ଷ ଟଙ୍କା ମିଳିବ ।

(ସି) ଯଦି ଗୋଟିଏ ଦୈର୍ଘ୍ୟାକାର ପ୍ରକଳ୍ପ ପାଇଁ ଜଣେ ଜମିମାଲିକର ଘର ଏବଂ ଘରଡିହ ଅଧୀକୃତ ହୋଇଥାଏ ଅଥବା ଏପ୍ରକାର ପ୍ରକଳ୍ପ ପାଇଁ ଜମିଅଧୀଗ୍ରହଣ ଯୋଗୁଁ ସେ ସଂପୂର୍ଣ୍ଣ ରୂପେ ବିସ୍ଥାପିତ ହେଉଥାଆନ୍ତି, ତେବେ ପ୍ରକଳ୍ପ କର୍ତ୍ତୃପକ୍ଷ ସଂପୃକ୍ତ ପରିବାରର କୌଣସି ଜଣେ ସଦସ୍ୟଙ୍କୁ ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ କରିବେ । କ୍ଷେତ୍ରବିଶେଷରେ ଯେଉଁ ଠି ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି ସ୍ଥିର କରିବେ ଯେ, ଏଭଳି ନିଯୁକ୍ତି ଯୋଗାଇବା ସମ୍ଭବପର ନୁହେଁ, ସେପରି ସ୍ଥଳେ ପ୍ରକଳ୍ପ କର୍ତ୍ତୃପକ୍ଷ ସରକାରଙ୍କ ଦ୍ୱାରା ନିର୍ଣ୍ଣୀତ ପରିମାଣର ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ କରିବେ ।

(୫) **ଟାଇପ୍ 'ଇ': ଅନ୍ୟ କୌଣସି ପ୍ରକାର ପ୍ରକଳ୍ପ**

ବିସ୍ଥାପିତ ପରିବାରମାନଙ୍କ ପାଇଁ ଉଦ୍ଦିଷ୍ଟ ପୁନର୍ବାସ ଓ ପୁନଃସଂସ୍ଥାନ ପ୍ୟାକେଜ୍ ବହନ କରିଥିବା ଉଲ୍ଲିଖିତ ଟାଇପ୍‌ଗୁଡିକ ବାହାରେ ରହିଯାଉଥିବା ଅନ୍ୟ କୌଣସି ପ୍ରକଳ୍ପ ପାଇଁ ସରକାର ଅଲଗାଭାବେ ନୀତିନିର୍ଦ୍ଦେଶିକା ଘୋଷଣା କରିପାରନ୍ତି ।

**୯. ସମସ୍ତ ଶ୍ରେଣୀର ପ୍ରକଳ୍ପ କ୍ଷେତ୍ରରେ ଭୂମିହୀନ ଓ ଘରଡିହହୀନ ଜବରଦଖଲକାରୀଙ୍କ ପାଇଁ ସୁବିଧା-**

**(ଏ)** ସଂଶ୍ଳିଷ୍ଟ ଆଇନ୍ ବା ଆଇନ୍‌ଗୁଡିକ ଅଧୀନରେ ଜମି ଅଧୀଗ୍ରହଣର ଉଦ୍ଦେଶ୍ୟ ଘୋଷଣା କରି ବିଜ୍ଞପ୍ତି ଜାରି ହେବା ତାରିଖର ଅନ୍ତତଃ ଦଶବର୍ଷ ପୂର୍ବରୁ ଯେଉଁ ଜବରଦଖଲକାରୀ ପରିବାର ଲଗାତାର ଭାବେ ସଂପୃକ୍ତ ଜବରଦଖଲ ଜମିକୁ ନିଜ ଅକ୍ତିଆରରେ ରଖି ଆସିଥିବେ, ଏବଂ ଯେଉଁ ଜବରଦଖଲକାରୀ ପରିବାର ଓଡିଶା ଜମି ଜବରଦଖଲ ପ୍ରତିଷେଧ ଆଇନ୍ ୧୯୭୨ର ସଂଜ୍ଞାୟନ ଅନୁଯାୟୀ 'ଭୂମିହୀନ' ବୋଲି ବିବେଚିତ ହେଉଥିବେ, ତଥା ଯାହାଙ୍କ ଏତାଦୃଶ ଜବରଦଖଲ ଆପତ୍ତିଶୂନ୍ୟ (Unobjectionable) ହୋଇଥିବ, କେବଳ ସେହି ପରିବାର ହିଁ ନିଜ ଅକ୍ତିଆରରେ ରଖିଥିବା ଜବରଦଖଲ ଜମିର ସମଶ୍ରେଣୀଭୁକ୍ତ ଓ ସମପରିମାଣର ଜମି ପାଇଁ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ, କିନ୍ତୁ ଏହି କ୍ଷତିପୂରଣ ଜମି ଅଧୀଗ୍ରହଣ ଆଇନ୍ ୧୮୯୪ ଅନୁଯାୟୀ ସର୍ବାଧିକ ଗୋଟିଏ ଏକର ଷ୍ଟାଣ୍ଡାର୍ଡ ଜମି ଭିତରେ ସୀମିତ ରହିବ ତଥା ଏହି କ୍ଷତିପୂରଣର ସମପରିମାଣ ବିଶିଷ୍ଟ ଅର୍ଥରାଶି ଏକକାଳୀନ ସାନୁଗ୍ରହ (ex gratia) ଭାବେ ମିଳିବ । ଏହାଛଡା, କେତେ ପରିମାଣର ଜମି ପାଇଁ କ୍ଷତିପୂରଣ ମିଳିବ, ତାହା ହିସାବ କଲାବେଳେ ସଂପୃକ୍ତ ପରିବାରର ମାଲିକାନାରେ ଥିବା ରୟତି ଜମିର ପରିମାଣକୁ ବିଚାରକୁ ନିଆଯିବ ।

**(ବି)** ସଂଶ୍ଳିଷ୍ଟ ଆଇନ୍ ବା ଆଇନ୍‌ଗୁଡିକ ଅଧୀନରେ ଜମି ଅଧୀଗ୍ରହଣର ଉଦ୍ଦେଶ୍ୟ ଘୋଷଣା କରି ବିଜ୍ଞପ୍ତି ଜାରି ହେବା ତାରିଖର ଅନ୍ତତଃ ଦଶବର୍ଷ ପୂର୍ବରୁ ଯେଉଁ ଜବରଦଖଲକାରୀ ପରିବାର ଲଗାତାର ଭାବେ ସଂପୃକ୍ତ ଜବରଦଖଲ ଜମିକୁ ନିଜ ଅକ୍ତିଆରରେ ରଖି ଆସିଥିବେ, ଏବଂ ଯେଉଁ ଜବରଦଖଲକାରୀ ପରିବାର ଓଡିଶା ଜମି ଜବରଦଖଲ ପ୍ରତିଷେଧ ଆଇନ୍ ୧୯୭୨ର ସଂଜ୍ଞାୟନ ଅନୁଯାୟୀ 'ଘରଡିହଶୂନ୍ୟ' ବୋଲି ବିବେଚିତ ହେଉଥିବେ, ତଥା ଯାହାଙ୍କ ଏତାଦୃଶ ଜବରଦଖଲ ଆପତ୍ତିଶୂନ୍ୟ (Unobjectionable) ହୋଇଥିବ, କେବଳ ସେହି ପରିବାର ହିଁ ନିଜ ଅକ୍ତିଆରରେ ରଖିଥିବା ଜବରଦଖଲ ଘରଡିହ ଜମିର ସମଶ୍ରେଣୀ ଭୁକ୍ତ ଓ ସମପରିମାଣର ଘରଡିହ ଜମି ପାଇଁ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ, କିନ୍ତୁ ଏହି କ୍ଷତିପୂରଣ ଗ୍ରାମାଞ୍ଚଳରେ ସର୍ବାଧିକ ଗୋଟିଏ ଏକରର ଏକଦଶମାଂଶ (୧୦ ଡିସିମିଲ୍) ଏବଂ ସହରାଞ୍ଚଳରେ ସର୍ବାଧିକ ଗୋଟିଏ ଏକରର ଏକ ପଞ୍ଚବିଂଶାଂଶ ପର୍ଯ୍ୟନ୍ତ ମିଳିପାରେ । ଏହି କ୍ଷତିପୂରଣର ସମପରିମାଣ ବିଶିଷ୍ଟ ଅର୍ଥରାଶି ଏକକାଳୀନ ସାନୁଗ୍ରହ (ex gratia) ଭାବେ ମିଳିବ । ଏହାଛଡା, କେତେ ପରିମାଣର ଜମି ପାଇଁ କ୍ଷତିପୂରଣ ମିଳିବ, ତାହା ହିସାବ କଲାବେଳେ ସଂପୃକ୍ତ ପରିବାରର ମାଲିକାନାରେ ଥିବା ଘରଡିହ ଜମିର ପରିମାଣକୁ ବିଚାରକୁ ନିଆଯିବ । ସେହି ଘରଡିହ ଉପରେ ଦଣ୍ଡାୟମାନ ଥିବା କୌଣସି ସଂରଚନାର ମୂଲ୍ୟ ମିଳିବା ସହିତ ଏହି ସାନୁଗ୍ରହ ଅର୍ଥରାଶି ମିଳିବ । କିନ୍ତୁ ଯଦି ଜବରଦଖଲ ଆପତ୍ତିଜନକ ହୋଇଥାଏ, ସଂପୃକ୍ତ ପରିବାର କେବଳ ସଂରଚନାର ମୂଲ୍ୟ ପାଇବାକୁ ହକ୍‌ଦାର ହେବେ ।

**୧୦. ସମସ୍ତ ଶ୍ରେଣୀର ପ୍ରକଳ୍ପ ପାଇଁ ସାଧାରଣ ଭାବେ ମିଳିବାକୁ ଥିବା ଅନ୍ୟାନ୍ୟ ସାହାଯ୍ୟମାନ -**

(ଏ) ଭରଣପୋଷଣ ଭତ୍ତା:

ବିସ୍ଥାପିତ ପରିବାରମାନେ ଠିକ୍ ସମୟରେ ଯେପରି ଜମି ଖାଲି କରନ୍ତି, ତାହାକୁ ସୁନିଶ୍ଚିତ କରିବା ପାଇଁ ପ୍ରତି ପରିବାରକୁ ସଂପୃକ୍ତ ଜିଲ୍ଲାପାଳଙ୍କ ନିର୍ଣ୍ଣୟ ମତେ ଜମି/ଘର ଖାଲି କରିବା ତାରିଖଠାରୁ ବର୍ଷକ ପାଇଁ ମାସକୁ ଦୁଇ ହଜାର ଟଙ୍କାର ଭତ୍ତା ମିଳିବ ।

(ବି) ଅସ୍ଥାୟୀ ଆଶ୍ରୟସ୍ଥଳ ପାଇଁ ସାହାଯ୍ୟ:

ପ୍ରତି ବିସ୍ଥାପିତ ପରିବାରଙ୍କୁ ଏଥିପାଇଁ ଦଶ ହଜାର ଟଙ୍କାର ସାହାଯ୍ୟ ମିଳିପାରିବ ।

(ସି) ପରିବହନ ଭତ୍ତା:

ପୁନର୍ବାସ ବସତି କିମ୍ବା ନୂତନ ବସତିକୁ ବିସ୍ଥାପିତ ପରିବାରମାନଙ୍କ ସ୍ଥାନାନ୍ତର ପାଇଁ ସଂପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ମାଗଣାରେ ପରିବହନ ବ୍ୟବସ୍ଥା ଆୟୋଜନ କରିବେ, ନଚେତ୍ ପ୍ରତି ବିସ୍ଥାପିତ ପରିବାରଙ୍କୁ ୨ହଜାର ଟଙ୍କାର ପରିବହନ ଭତ୍ତା ଦେବେ ।

**ପରନ୍ତୁ,** ଆବଶ୍ୟକ ପଡିଲେ, ରାଜ୍ୟସରକାରଙ୍କ ରାଜସ୍ୱ ବିଭାଗ ମୂଲ୍ୟସୂଚୀ ଉପରେ ଭିତ୍ତିକରି ଏହି ହାରକୁ ପ୍ରତି ଦୁଇବର୍ଷରେ ଥରେ ଲେଖାଁ ସମୀକ୍ଷା ଓ ସଂଶୋଧନ କରିପାରନ୍ତି ।

**୧୧. ସହାୟତା ପାଇଁ ଅତିରିକ୍ତ ବ୍ୟବସ୍ଥାମାନ**

ଏହି ନୀତିର ଅନ୍ୟ ସ୍ଥାନରେ ଯାହାକିଛି ବ୍ୟବସ୍ଥା ସ୍ଥାନିତ ହୋଇଥାଉନା କାହିଁକି, କେଉଁ ଧରଣର ବିସ୍ଥାପନ ଘଟିଛି, ତାକୁ ଦୃଷ୍ଟିରେ ରଖି ସରକାର କିମ୍ବା ପ୍ରକଳ୍ପ କର୍ତ୍ତୃପକ୍ଷ ବିସ୍ଥାପିତ ପରିବାରମାନଙ୍କ ପାଇଁ ଅନ୍ୟ ଯେ କୌଣସି ପ୍ରକାର ଅତିରିକ୍ତ ସୁବିଧା ଓ ବ୍ୟବସ୍ଥା ଘୋଷଣା କରିପାରନ୍ତି ।

**୧୨. ବିସ୍ଥାପିତ ହୋଇଥିବା ଦେଶଜ ପରିବାର ଏବଂ ଆଦିମ ଅଧିବାସୀ-ଗୋଷ୍ଠୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧାମାନ:**

(ଏ) ପୁନର୍ବାସ ଯୋଜନାମାନ ପ୍ରଣୟନ କଲାବେଳେ, ଦେଶଜ ଏବଂ ଆଦିମ ଅଧିବାସୀଗୋଷ୍ଠୀଙ୍କ ସାମାଜିକ-ସାଂସ୍କୃତିକ ବୈଶିଷ୍ଟ୍ୟଗୁଡିକୁ ମାନ୍ୟତା ଦିଆଯିବ ।

(ବି) ଦେଶଜ ଶ୍ରେଣୀ ଅନ୍ତର୍ଗତ ପ୍ରତି ବିସ୍ଥାପିତ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଜମି ଆବଣ୍ଟନ କରାଯିବ ।

(ସି) ନିଜର ପ୍ରାକୃତିକ ବସତି ପାଖରେ ଏକ ସଂଲଗ୍ନ (Compact) କ୍ଷେତ୍ରରେ ଦେଶଜ ଗୋଷ୍ଠୀଙ୍କୁ ପୁନର୍ବାସ କରାଇବା ପାଇଁ ଯଥାସାଧ୍ୟ ଉଦ୍ୟମ ହେବ ।

(ଡି) ନିଜ ଜିଲ୍ଲାର ପରିସର ବାହାରେ ପୁନର୍ବାସ କରାଯାଉଥିବା ଦେଶଜ ଗୋଷ୍ଠୀର ବିସ୍ଥାପିତ ପରିବାରମାନଙ୍କୁ ଅତିରିକ୍ତ ଶତକଡା ୨୫ ଭାଗର ଅଧିକ ପୁନର୍ବାସ ଓ ପୁନଃସଂସ୍ଥାନ ସୁବିଧା ଅର୍ଥରାଶି ଆକାରରେ ଯୋଗାଇ ଦିଆଯିବ ।

**୧୩. ପୁନଃସଂସ୍ଥାନ ଅନୁଦାନକୁ ମୂଲ୍ୟସୂଚୀ-ଭିତ୍ତିକ କରିବା**

୧.୪.୨୦୦୬କୁ ସୂଚୀ-ତାରିଖ ଭାବେ ଗ୍ରହଣ କରି ପାଇକାରୀ ମୂଲ୍ୟସୂଚୀ (Wholesale Price Index) ଅନୁଯାୟୀ ପୁନଃସଂସ୍ଥାନ ଅନୁଦାନର ପରିମାଣ ନିର୍ଣ୍ଣୀତ ହେବ, ଏବଂ ଏହାପରେ ପ୍ରତି ଦୁଇବର୍ଷରେ ଥରେ ଲେଖାଁ ଏହା ପାଇକାରୀ ମୂଲ୍ୟସୂଚୀ ଅନୁଯାୟୀ ସଂଶୋଧିତ ହୋଇଚାଲିବ ।

**୧୪. ପରିପାର୍ଶ୍ୱ ଉନ୍ନୟନ**

ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନ୍ତରରେ ଘୋଷିତ ହେଉଥିବା ନୀତିନିର୍ଦ୍ଦେଶିକାର ପରିସର ଭିତରେ ରହି ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି ଯେଉଁ ନିଷ୍ପତ୍ତି ନେବେ, ପ୍ରକଳ୍ପ କର୍ତ୍ତୃପକ୍ଷ ତଦନୁଯାୟୀ ପରିପାର୍ଶ୍ୱ ଉନ୍ନୟନ ପାଇଁ ଉତ୍ତରଦାୟୀ ରହିବେ ।

**୧୫. କ୍ଷତିପୂରଣ ପରାମର୍ଶଦାତା କମିଟି** (Compensation Advisory Committee)

କଥାବାର୍ତ୍ତା ଜରିଆରେ ଦାମ୍ ନିର୍ଦ୍ଧାରଣ ପାଇଁ ସରକାରଙ୍କ ରାଜସ୍ୱ ବିଭାଗ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା କ୍ଷତିପୂରଣ ପରାମର୍ଶଦାତା କମିଟି ଗଠନ କରିପାରନ୍ତି । ମହିଳା ଓ ଦେଶଜ ଗୋଷ୍ଠୀମାନଙ୍କର ପ୍ରତିନିଧିମାନଙ୍କୁ (ଯେଉଁଠି ପ୍ରାସଙ୍ଗିକ) ଏହି କମିଟିରେ ପର୍ଯ୍ୟାପ୍ତ ସ୍ଥାନ ଦିଆଯିବ ।

ଯଦି ଜିଲ୍ଲା କ୍ଷତିପୂରଣ ପରାମର୍ଶଦାତା କମିଟିଙ୍କ ସୁପାରିଶ୍‌କୁ କେନ୍ଦ୍ର କରି କୌଣସି ବିବାଦ ଉପୁଜେ, ତାହା ରାଜସ୍ୱ ପରିଷଦ ସଦସ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ କ୍ଷତିପୂରଣ ପରାମର୍ଶଦାତା କମିଟିକୁ ସୂଚିତ କରାଯିବ, ଏବଂ ଶେଷୋକ୍ତ କମିଟିର ନିଷ୍ପତ୍ତି ସଂପୃକ୍ତ ସମସ୍ତ ପକ୍ଷମାନଙ୍କ ପାଇଁ ଚୂଡାନ୍ତ ଏବଂ ଅବଶ୍ୟ-ପାଳନୀୟ ବୋଲି ବିବେଚିତ ହେବ । ଏହି ରାଜ୍ୟସ୍ତରୀୟ କ୍ଷତିପୂରଣ ପରାମର୍ଶଦାତା କମିଟି କେଉଁମାନଙ୍କୁ ନେଇ ଗଠିତ ହେବ, ତାହା ସରକାରଙ୍କ ଦ୍ୱାରା ବିଜ୍ଞପ୍ତି କରାଯିବ ।

**୧୬. ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି (RPDAC) :**

ପୁନର୍ବାସ ଓ ପୁନଃସଂସ୍ଥାନ ପ୍ୟାକେଜ୍‌ର କାର୍ଯ୍ୟାନ୍ୱୟନ ଓ ତଦାରଖ ପ୍ରକ୍ରିୟାରେ ବିସ୍ଥାପିତ ଜନସାଧାରଣ ଓ ସେମାନଙ୍କର ପ୍ରତିନିଧିମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବାପାଇଁ ତଥା ପରିପାର୍ଶ୍ୱ ଉନ୍ନୟନର ଦେଖାଶୁଣା ଓ ତଦାରଖ କରିବା ପାଇଁ ସରକାର ଗୋଟିଏ ଜିଲ୍ଲା ଭିତରେ କାର୍ଯ୍ୟକାରୀ ହେବାକୁ ଥିବା ଏକ ବା ଏକାଧିକ ପ୍ରକଳ୍ପ ପାଇଁ ଗୋଟିଏ ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି ଗଠନ କରିବେ । ଏହି କମିଟିର ବିଶଦ୍ ଗଠନ-ଢାଞ୍ଚା ସରକାରଙ୍କ ଦ୍ୱାରା ବିଜ୍ଞପ୍ତି କରାଯିବ, ଏବଂ ଏହି କମିଟିରେ ପ୍ରଭାବିତ ଅଞ୍ଚଳର ଲୋକ ପ୍ରତିନିଧି ଓ ଗୋଟିଏ କି ଦିଓଟି ପ୍ରମୁଖ ବେସରକାରୀ ସଂଗଠନ ଏବଂ ମନୋନୀତ ସରକାରୀ ପଦାଧିକାରୀଙ୍କ ସମେତ ଅନ୍ୟ କୌଣସି ବ୍ୟକ୍ତିମାନେ ମଧ୍ୟ ସ୍ଥାନିତ ହୋଇପାରନ୍ତି, ଯାହାଙ୍କ ନାମ ସରକାର ବିଜ୍ଞପ୍ତି କରିବେ । ଏହି କମିଟିରେ ମହିଳା ଏବଂ ଦେଶଜ ଗୋଷ୍ଠୀମାନଙ୍କୁ ( ଯେଉଁଠି ପ୍ରାସଙ୍ଗିକ) ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ଦିଆଯିବ । କମିଟିର କାର୍ଯ୍ୟକଳାପର ସୁଚାରୁ ପରିଚାଳନା ପାଇଁ ଅନ୍ୟ ସଭ୍ୟମାନଙ୍କୁ ସହବରଣ କରିବାର ସ୍ୱାଧୀନତା ଏହାର ଅଧ୍ୟକ୍ଷଙ୍କର ରହିବ ।

**୧୭. ରାଜ୍ୟସ୍ତରୀୟ ପୁନର୍ବାସ ଓ ପୁନଃସଂସ୍ଥାନ ପରିଷଦ ( SLCRR) :**

ପୁନର୍ବାସ ଓ ପୁନଃସଂସ୍ଥାନ ନୀତିର କାର୍ଯ୍ୟକାରିତା ବ୍ୟାପାରରେ ପରାମର୍ଶ ଦେବା, ସମୀକ୍ଷା କରିବା ଏବଂ ପର୍ଯ୍ୟାଲୋଚନା କରିବା ପାଇଁ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପରିଷଦ କାର୍ଯ୍ୟ କରିବ । ଏହି ପରିଷଦରେ ମନ୍ତ୍ରୀଗଣ, ମନୋନୀତ ଲୋକପ୍ରତିନିଧି, ପ୍ରମୁଖ ସମାଜକର୍ମୀ, ଶିକ୍ଷାବିତ୍ ଏବଂ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ବିଶେଷଜ୍ଞ ତଥା ବରିଷ୍ଠ ସରକାରୀ ପଦାଧିକାରୀମାନେ ସଭ୍ୟ ରହି ପାରନ୍ତି ।

**୧୮. ଜମି ଅଧୀଗ୍ରହଣ ଏବଂ ପୁନର୍ବାସ ଓ ପୁନଃସଂସ୍ଥାନ ପାଇଁ ସାଂଗଠନିକ ଢାଞ୍ଚା :**

(ଏ) ରାଜ୍ୟ-ସ୍ତରୀୟ:

ପୁନର୍ବାସ ଓ ପୁନଃସଂସ୍ଥାନ ନୀତିକୁ କାର୍ଯ୍ୟକାରୀ ରୂପ ଦେବା ଏବଂ ଦେଖାଶୁଣା କରିବା ପାଇଁ ଏକ ପୁନର୍ବାସ ଓ ପୁନଃସଂସ୍ଥାନ ନିର୍ଦ୍ଦେଶାଳୟ ସ୍ଥାପିତ ହେବ । ଏହି ନିର୍ଦ୍ଦେଶାଳୟର ସବିଶେଷ ଗଠନ-ଢାଞ୍ଚା ଓ କାର୍ଯ୍ୟାବଳୀ ସରକାରଙ୍କ ଦ୍ୱାରା ବିଜ୍ଞାପିତ କରାଯିବ ।

(ବି) ଜିଲ୍ଲା/ପ୍ରକଳ୍ପ ସ୍ତରୀୟ:

ଗୋଟିଏ ପ୍ରକଳ୍ପ ସ୍ତରରେ ପୁନର୍ବାସ ଓ ପୁନଃସଂସ୍ଥାନ କାର୍ଯ୍ୟାବଳୀର ଆକାରପ୍ରକାର ଦେଖି ଜଣେ ପୁନର୍ବାସ ଓ ପୁନଃସଂସ୍ଥାନ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରାଯାଇପାରେ, ଓ ତାଙ୍କୁ ସହାୟତା କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକ୍ରମେ ଅନ୍ୟ କେତେକ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇପାରେ । ଏହି ପ୍ରକଳ୍ପ ନିର୍ଦ୍ଦେଶକ ପୁନର୍ବାସ ଓ ପୁନଃସଂସ୍ଥାନ ବ୍ୟାପାରରେ ସମସ୍ତ ଲାଇନ୍-ବିଭାଗଗୁଡିକ ଭିତରେ ମୁଖ୍ୟ ସମନ୍ୱୟକାରୀ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଜିଲ୍ଲାପାଳ ଓ ପୁନର୍ବାସ ଓ ପୁନଃସଂସ୍ଥାନ ନିର୍ଦ୍ଦେଶାଳୟର ସାମଗ୍ରୀକ ପର୍ଯ୍ୟବେକ୍ଷଣ ଏବଂ ଦିଗ୍‌ଦର୍ଶନ ଅଧୀନରେ ରହି ସେ ପୁନର୍ବାସ ଓ ପୁନଃସଂସ୍ଥାନ ନୀତିର କାର୍ଯ୍ୟାନ୍ୱୟନ ଓ ସମସ୍ତ ପୁନର୍ବାସ ଓ ପୁନଃସଂସ୍ଥାନ-ସଂକ୍ରାନ୍ତ କାର୍ଯ୍ୟାବଳୀର ସମୟୋଚିତ ସମ୍ପାଦନ ପାଇଁ ଉତ୍ତରଦାୟୀ ରହିବେ ।

(ସି) ଯେଉଁ ସ୍ଥଳେ ପୁନର୍ବାସ ଓ ପୁନଃସଂସ୍ଥାନ କାର୍ଯ୍ୟ ଅପେକ୍ଷାକୃତ ଭାବେ କମ୍, ସେପରି ସ୍ଥଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜମି ଅଧୀଗ୍ରହଣ ଅଧିକାରୀଙ୍କ ଦ୍ୱାରା ସେହି କାର୍ଯ୍ୟ ସମ୍ପାଦିତ ହୋଇପାରିବ ।

**୧୯. ବଜେଟ୍ ବ୍ୟବସ୍ଥା ଏବଂ ଅର୍ଥ ବରାଦ :**

ପୁନର୍ବାସ ଓ ପୁନଃସଂସ୍ଥାନ ନୀତିର ଫଳପ୍ରଦ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସ୍ଥଳବିଶେଷରେ ଆବଶ୍ୟକତା ଅନୁଯାୟୀ ଜମି ଅଧିଗ୍ରହଣ ଏବଂ ପୁନର୍ବାସ ଓ ପୁନଃସଂସ୍ଥାନ ସଂସ୍ଥାଗୁଡିକ ବାବଦରେ ପର୍ଯ୍ୟାପ୍ତ ଅର୍ଥବ୍ୟବସ୍ଥା କରାଯିବ । ପୁନର୍ବାସ ଓ ପୁନଃସଂସ୍ଥାନ ନିର୍ଦ୍ଦେଶାଳୟ ପ୍ରତିବର୍ଷ  ଜାନୁଆରୀ ୧ ସୁଦ୍ଧା

ସେମାନଙ୍କର ବଜେଟ୍ ଅଟକଳ ଓ କାର୍ଯ୍ୟଚିଠା ଦାଖଲ କରିବେ । ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ନିକଟରେ ଠିକ୍ ସମୟରେ ମଞ୍ଜୁରି ଅର୍ଥ ଯେପରି ପହଞ୍ଚି ପାରିବ, ତାହା ସୁନିଶ୍ଚିତ କରିବା ସରକାରଙ୍କ କର୍ତ୍ତବ୍ୟ ।

**୨୦. ଅଭିଯୋଗ ପ୍ରତିକାର ବ୍ୟବସ୍ଥା:**

ଜମି ଅଧିଗ୍ରହଣ ଏବଂ ପୁନର୍ବାସ ଓ ପୁନଃସଂସ୍ଥାନ ସମ୍ବନ୍ଧରେ ପ୍ରକଳ୍ପ-ବିସ୍ଥାପିତ ଲୋକଙ୍କ ଆପତ୍ତିଓଜର ଶୁଣିବା ପାଇଁ ଜିଲ୍ଲା ଓ ନିର୍ଦ୍ଦେଶାଳୟ ସ୍ତରରେ ଏକ ଫଳପ୍ରଦ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ପ୍ରତିଷ୍ଠିତ ହେବ । ଏହାଛଡା, ସମସ୍ତ ପ୍ରକଳ୍ପ କର୍ତ୍ତୃପକ୍ଷମାନଙ୍କୁ ନିଜନିଜ ସ୍ତରରେ ସଂପୃକ୍ତ ପ୍ରକଳ୍ପ ବ୍ୟାପାରରେ ଗୋଟାଏ ଲେଖାଁ ଫଳପ୍ରଦ ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ ଚାଲୁ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ । ଏହି ପ୍ରକ୍ରିୟାରେ ବିସ୍ଥାପିତ ଗୋଷ୍ଠୀମାନଙ୍କ ଫଳପ୍ରଦ ଭାଗିଦାରିତାକୁ ସୁନିଶ୍ଚିତ କରିହେବ ।

**୨୧. ନୀତିର କାର୍ଯ୍ୟାନ୍ୱୟନକୁ ସମୀକ୍ଷା:**

ସମୁଚିତ ସଂସ୍ଥାଗୁଡିକ ମାଧ୍ୟମରେ ସରକାର ସମୟାନ୍ତରରେ ଏହି ନୀତିର କାର୍ଯ୍ୟାନ୍ୱୟନର ସମୀକ୍ଷାକାର୍ଯ୍ୟ ହାତକୁ ନେଇପାରନ୍ତି ।

**୨୨. ବ୍ୟାଖ୍ୟା ଏବଂ ସଂଶୋଧନ:**

(ଏ) ଏହି ନୀତି ସମ୍ବନ୍ଧରେ କୌଣସି ପ୍ରସଙ୍ଗ ବା ସନ୍ଦେହ ଉପୁଜିଲେ, ତାହା ସରକାରଙ୍କ ରାଜସ୍ୱ ବିଭାଗକୁ ସୂଚିତ ହେବ, ଏବଂ ରାଜସ୍ୱ ବିଭାଗଙ୍କ ନିଷ୍ପତ୍ତି ହିଁ ଚୂଡାନ୍ତ ଏବଂ ସମସ୍ତ ସଂପୃକ୍ତ ପକ୍ଷଙ୍କ ପାଇଁ ଅବଶ୍ୟ-ପାଳନୀୟ ବୋଲି ବିବେଚିତ ହେବ ।

(ବି) ସରକାରଙ୍କ ରାଜସ୍ୱ ବିଭାଗ ସମୟାନ୍ତରରେ ଯେତେବେଳେ ଆବଶ୍ୟକ ମନେକରିବେ, ସେତେବେଳେ ସେ ଏହି ନୀତିରେ ସ୍ଥାନିତ ବ୍ୟବସ୍ଥାଗୁଡିକର ସଂଶୋଧନ କରିପାରନ୍ତି ।

(ସି) ଏହି ନୀତିକୁ ବାସ୍ତବ ରୂପରେଖ ଦେବା ଉଦ୍ଦେଶ୍ୟରେ ସମୟାନ୍ତରରେ ମାର୍ଗଦର୍ଶିକା ଓ ନୀତି-ନିର୍ଦ୍ଦେଶନା ଜାରି କରିବାର କ୍ଷମତା ସରକାରଙ୍କ ରାଜସ୍ୱ ବିଭାଗ ହାତରେ ରହିବ ।

## <u>ଆଦେଶ</u>

*ଏତଦ୍ୱାରା ଆଦେଶ ଦିଆଯାଉଛି ଯେ, ସର୍ବସାଧାରଣଙ୍କ ସାଧାରଣ ଅବଗତି ନିମନ୍ତେ ଏହି ପ୍ରସ୍ତାବକୁ ଓଡିଶା ଗେଜେଟ୍‌ର ଅସାଧାରଣ ସଂଖ୍ୟାରେ ପ୍ରକାଶ କରାଯିବ, ଏବଂ ଏହାର ନକଲ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ସହିତ ସରକାରଙ୍କ ସମସ୍ତ ବିଭାଗ/ସମସ୍ତ ବିଭାଗମୁଖ୍ୟ/ସମସ୍ତ ରାଜସ୍ୱ ଅଞ୍ଚଳ କମିଶନର/ସମସ୍ତ ଜିଲ୍ଲାପାଳ/ ସଚିବ ରାଜସ୍ୱ ପରିଷଦ/ସି.ଏମ୍.ଡି. ଇଡ୍‌କୋ, ସି.ଏମ୍.ଡି. ଇପିକଲ୍/ଏ.ଜି. ଓଡିଶା ଭୁବନେଶ୍ୱର/ ଡି.ଏ.ଜି. (ପୂର୍ତ୍ତ), ଓଡିଶା, ପୁରୀଙ୍କ ଅବଗତି ପାଇଁ ପ୍ରେରଣ କରାଯାଉ ।*

*ରାଜ୍ୟପାଳଙ୍କ ଆଦେଶମତେ*
*ସରକାରଙ୍କ ପ୍ରମୁଖ ସଚିବ*

**(Translated into Oriya by Chitta Behera, 4A Jubilee Tower, Choudhury Bazar, Cuttack-9, Orissa, PH: 0671-2308518, Mobile: 9861091455, Email: chittabehera1@yahoo.co.in dt.22.7.06)**